



# ଦେଢ଼କୋଟିରେ ପହଞ୍ଚିଲାଣି ଅର୍ପଣ ଅର୍ଥ

**ପୁରୀ, ୨୩।୧(ସମିସ):** ଅର୍ପଣ ରଥରେ ସଂଗୃହୀତ ଭକ୍ତଙ୍କ ଦାନ ଅର୍ଥ ଶ୍ରୀମନ୍ଦିରକୁ ଆସୁଛି । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ କାଉଣ୍ଟର ଖୋଲାଯାଇଛି । ତେବେ ମଙ୍ଗଳବାର ସୁଦ୍ଧା ଏହି ଦାନଅର୍ଥ ପ୍ରାୟ ଦେଢକୋଟିରେ ପହଞ୍ଚିଛି । ସୋମବାର ପ୍ରଥମ ଦିନରେ ପ୍ରାୟ ୫୦ ଲକ୍ଷ ଟଙ୍କା ଆସିଥିବା ବେଳେ ମଙ୍ଗଳବାର ଦ୍ୱିତୀୟ ଦିନରେ ପ୍ରାୟ କୋଟିଏ ଟଙ୍କା ଆସିଛି । ସମ୍ପୃକ୍ତ ଜିଲ୍ଲାର ପ୍ରତିନିଧିମାନେ ଆସି ଏହି ଟଙ୍କା ଦେଇ ରସିଦ୍ ନେଉଛନ୍ତି । ଏଥିପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଡୋନେସନ ସେଲ୍ଫ ଖୋଲାଯାଇଛି । ସଂଗୃହିତ ଅର୍ଥ ରାଶି ଶ୍ରୀମନ୍ଦିର ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ । ଏହି କାଉଣ୍ଟର ୪ ଦିନ ପାଇଁ ଅର୍ଥାତ୍ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଖୋଲାରହିବ । ଟଙ୍କା ଗଣି ରଖିବା ପାଇଁ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ୫ଟି ଟଙ୍କାଗଣତି ମେଶିନ ରଖାଯାଇଛି ।

# ବୀର ସୁରେନ୍ଦ୍ର ସାଏ ଥିଲେ ଦୁର୍ଦ୍ଧର୍ଷ ଯୋଦ୍ଧା

**ପୁରୀ, ୨୩।୧(ସମିସ):** ଓଡ଼ିଶା ସଙ୍ଗୀତ ପରିଷଦରେ ସମତା ସାହିତ୍ୟ ସମିତି ଆନୁକୂଲ୍ୟରେ ମଙ୍ଗଳବାର ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା ଯେ, ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏ ଥିଲେ ଜଣେ ଦୁର୍ଦ୍ଧଶ ଯୋଦ୍ଧା ଓ ବିଚକ୍ଷଣ ବିପ୍ଳବୀ । ୧୮୫୭ ସିପାହୀ ବିଦ୍ରୋହର ୩୦ବର୍ଷ ପୂର୍ବରୁ ରାଜଗାଦୀର ଉତ୍ତରାଧିକାରୀତ୍ୱ ନେଇ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରି ଆସୁଥିଲେ । ତାଙ୍କର ଅଦ୍ଭୁତ ସଂଗଠନ ଶକ୍ତି, ଅସୀମ ପରାକ୍ରମ, ଅସାଧାରଣ ରଣକୌଶଳ ଇଂରେଜ ଶାସକଙ୍କୁ ଚକିତ କରିଥିଲା । ଦୀର୍ଘ ୭୫ ବର୍ଷ ଜୀବନ କାଳରୁ ୩୮ ବର୍ଷ କାରାଗାର କାଟିଥିଲେ । ବିଶ୍ୱାସ ଘାତକତା ଯୋଗୁ ସେ ବହୁବାର ଶିକାର ହୋଇ ଜେଲ୍‌ଦଣ୍ଡ ଭୋଗିଥିଲେ । ସେ ଚୌହାନ ବଂଶର ବଂଶଧର ଥିଲେ । ଆୟୋଜିତ ଉତ୍ସବରେ ଅତିଥିଭାବେ ପ୍ରଫେସର କାର୍ତ୍ତିକ କୁମାର ଦାସ, ପଣ୍ଡିତ ସଦାଶିବ ମିଶ୍ର, ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର, ଦାଶରଥି ମହାପାତ୍ର ଓ ପ୍ରତିଭା ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏଥିରେ ଅଧ୍ୟକ୍ଷତା କରିଥିଲେ ଶିକ୍ଷାବିତ ବିଜୟଲକ୍ଷ୍ମୀ ଦାଶ । ପ୍ରାରମ୍ଭରେ ସମିତି ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ଅତିଥି ପରିଚୟ ଏବଂ ଭବାନୀ ପ୍ରସାଦ ବଳିଆର ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଲୋଚନାରେ ଆଶାଲତା ପ୍ରଧାନ, ତୃପ୍ତି ପଣ୍ଡା, ଡ. ସସ୍ମିତା ମିଶ୍ର, ଯୋଗେଶ୍ୱର ପ୍ରହରାଜ, ଅଶୋକ କୁମାର ମିଶ୍ର, ପୂଜା ପ୍ରଧାନ, ହେମାଙ୍ଗିନୀ ମହାନ୍ତି, ରାଧାକୃଷ୍ଣ ପ୍ରଧାନୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡାଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ





**ପୁରୀ, ୨୩।୧(ସମିସ)**

ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସପ୍ତମ ଦିନରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ଅବସରରେ ମହାପ୍ରଭୁଙ୍କ ଆଶୀର୍ବାଦ ଲୋଡିବା ସହ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିଛନ୍ତି । ଏଥିସହ ପରିକ୍ରମା ପ୍ରକଳ୍ପର ପୁନଃ ପ୍ରଦକ୍ଷିଣ କରି ଅନୁଭୂତି ନେଇଛନ୍ତି ।

## ■ ସପ୍ତାହରେ ଦୁଇଥର ଶ୍ରୀକ୍ଷେତ୍ର ଦର୍ଶନ

ଗୋଟିଏ ସପ୍ତାହରେ ଶ୍ରୀକ୍ଷେତ୍ରକୁ ଦୁଇଥର ଗସ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀ ଆସି ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖାଲିପାଦରେ ଚାଲି ଚାଲି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲିଥିଲେ । ପରିକ୍ରମା ମାର୍ଗରେ କ'ଣ ସବୁ କରାଯାଇଛି ତାହା ପ୍ରଦକ୍ଷିଣ କରି ଦେଖିଥିଲେ । ପୁନଶ୍ଚ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିଛନ୍ତି ।

## ■ ସାଧୁସନ୍ଥଙ୍କୁ କଲେ ନମସ୍କାର

ଅପରାହ୍ନ ପ୍ରାୟ ୫ଟାରେ ମୁଖ୍ୟମନ୍ତ୍ରୀ ବ୍ୟାଟେରୀ ଗାଡିରେ ଆସି ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ । ସେଠାରେ ତାଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ସମେତ ପରିଚାଳନା କମିଟି ସେବାୟତ ପ୍ରତିନିଧି ସ୍ୱାଗତ କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ଅରୁଣ ସ୍ତମ୍ଭ ଆଡକୁ ଅଗ୍ରସର ହେଉଥିବା ବେଳେ ବଡ଼ଦାଣ୍ଡରେ ତାଙ୍କୁ ଦେଖିବା ପାଇଁ ଛିଡା ହୋଇଥିବା ହଜାର ହଜାର ଜନସାଧାରଣଙ୍କୁ ହାତ ହଲାଇ ଶୁଭେଚ୍ଛା ଜଣାଇଥିଲେ । ଏହି ସମୟରେ ବଡ଼ଛତା ମଠ ଦ୍ୱାରରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ସାଧୁସନ୍ଥ ଅପେକ୍ଷା କରିଥିଲେ । ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଦେଖିବା ପରେ ଦୁଇହାତ ଯୋଡି ନମସ୍କାର ହୋଇଥିଲେ । ପ୍ରତ୍ୟୁତ୍ତରରେ ସାଧୁସନ୍ଥମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନମସ୍କାର କରିଥିଲେ । ଏହାପରେ ଅରୁଣ ସ୍ତମ୍ଭକୁ ଚାହିଁ ମୁଣ୍ଡିଆ ମାରି ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ ମୁଖ୍ୟମନ୍ତ୍ରୀ ।

## ■ ବେଶ୍ ଚଳଚଞ୍ଚଳ ଜଣାପଡୁଥିଲେ

ବାଇଶିପାହଚରେ ଚଢିବା ବେଳେ ବେଶ୍ ଚଳଚଞ୍ଚଳ ଜଣାପଡୁଥିଲେ ମୁଖ୍ୟମନ୍ତ୍ରୀ । ଗୋଟିକ ପରେ ଗୋଟିଏ ପାହଚ ବିନା ଦ୍ୱିଧାରେ ଚଢୁଥିଲେ । ବାଇଶିପାହଚ ବାମପାର୍ଶ୍ୱରେ ଥିବା କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିଥିଲେ । ବାଇଶିପାହଚରୁ ଆନନ୍ଦବଜାରକୁ ଥିବା ଦ୍ୱାରକୁ ମଧ୍ୟ ଅଟକି ଦେଖୁଥିଲେ । ତେବେ ମୁଖ୍ୟମନ୍ତ୍ରୀ ଜଣେ ସାଧାରଣ ମଣିଷ ଭାବେ ବେଶ୍ ଚଳଚଞ୍ଚଳ ଜଣାପଡୁଥିଲେ ବୋଲି କହିଛନ୍ତି ସେବାୟତ ଗୌରହରି ପ୍ରଧାନ । ସେବକମାନଙ୍କ ସହ ଖୋଲାଖୋଲି ଭାବେ ଆଲୋଚନା କରିବା ଏକ ଭିନ୍ନ ଅନ୍ଦାଜ ଆସି ମୁଖ୍ୟମନ୍ତ୍ରୀଙ୍କ ପାଖରେ ବାରି ହୋଇପଡୁଥିଲା ବୋଲି କହିଛନ୍ତି ଗୌରହରି ।

## ସତ୍ୟନାରାୟଣଙ୍କ ଫଟୋ ଗ୍ରହଣ କଲେ

ପରିକ୍ରମା ମାର୍ଗ ପ୍ରଦକ୍ଷିଣ ପରେ ମୁଖ୍ୟମନ୍ତ୍ରୀ ବ୍ୟାଟେରି ଗାଡିରେ ଶ୍ରୀମାର୍ଗ ଦେଇ ଜେବିପିସି ଅଭିମୁଖେ ଯାଉଥିଲେ । ସତ୍ୟନାରାୟଣ ମନ୍ଦିର ନିକଟରେ ତାଙ୍କ ଗାଡ଼ି ଅଟକି ଯାଇଥିଲା । ସତ୍ୟନାରାୟଣ ମନ୍ଦିରର ପୂଜାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରଦ୍ଧାର ସହ ପ୍ରଭୁ ସତ୍ୟନାରାୟଣଙ୍କର ଏକ ଫଟୋଚିତ୍ର ପ୍ରଦାନ କରିଥିଲେ । ଏଥିସହ ଏକ ପୁଷ୍ପଗୁଚ୍ଛ ମଧ୍ୟ ବଢ଼ାଇ ଦେଇଥିଲେ । ମୁଖ୍ୟମନ୍ତ୍ରୀ ହସ ହସ ମୁଖରେ ଏହାକୁ ସାଦରେ ଗ୍ରହଣ କରିଥିବା ଦେଖି ପୂଜାରୀମାନେ ମଧ୍ୟ ବେଶ୍ ଖୁସି ହୋଇଥିଲେ ।



### ପୁରୀ ସୁଭାଷ ବୋଷ ସଂଗ୍ରହାଳୟକୁ ଜାତୀୟ ସ୍ମାରକୀ ଦାବି

# ଭିଆଇପି ରୋଡ୍‌ର ନାମ ଏସ୍‌ସିବି ରୋଡ୍ ହେଉ




**ପୁରୀ, ୨୩।୧(ସମିସ)**

ପୁରୀ ଦୁର୍ଗାବାଡି ସମିତି, ଦି ବେଲ୍ ୟୁଥ୍ ଫୋରମ୍, ମାଖନଲାଲ୍ ହାଲଦାର ସ୍ମୃତି ସମିତି ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି ନେତାଜୀ ସୁଭାଷ ବୋଷ ଜୟନ୍ତୀ । ମଙ୍ଗଳବାର ସକାଳେ ଭିଆଇପି ରୋଡସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଛାତ୍ରଛାତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସମାଜ କର୍ମୀ ରାଷ୍ଟ୍ର ପାଇଁ ପଦଯାତ୍ରାରେ ସାମିଲ ହୋଇଥିଲେ । ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ନଗର ପରିକ୍ରମା କରିବା ପରେ ଦୂର୍ଗାବାଡିଠାରେ ପଦଯାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ପରେ ରାଷ୍ଟ୍ରୀୟ ଧ୍ୱଜା ଉତ୍ତୋଳନ ସହିତ ରାଷ୍ଟ୍ର ଗାନ କରାଯାଇଥିଲା । ଏହି ଅବସରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କର୍ଣ୍ଣେଲ ସୁଧୀର କୁମାର ପାତ୍ର ଓ ତାଙ୍କ ପତ୍ନୀ ସୁନିତା ପାତ୍ର ଯୋଗଦେଇ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେଇ ଯୁବକମାନେ ଦେଶ ସେବାରେ ଆଗେଇ ଆସିବା ସହିତ ନିଜ ଆତ୍ମାର ଓ ବିଚାର ସୁଦ୍ଧାତା ପାଇଁ ଯୁବଶକ୍ତି କର୍ଯ୍ୟ କରିବା ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ । ଏହି ଅବସରରେ ନେତାଜୀ ଜୟନ୍ତି କମିଟି ପକ୍ଷରୁ ଭିଆଇପି ରୋଡକୁ ସୁଭାଷ ଚନ୍ଦ୍ର ବୋଷ ରୋଡ (ଏସ୍‌ସିବି ରୋଡ), ସାରଦା ଦେବୀ ରୋଡସ୍ଥିତ ନେତାଜୀଙ୍କ ସଂଗ୍ରହାଳୟକୁ ଜାତୀୟ ସ୍ମାରକୀ ରୂପେ ଘୋଷଣା କରିବା ସହିତ ଓଡ଼ିଶାର ସମସ୍ତ ଜିଲ୍ଲାରେ ନେତାଜୀ ଜୟନ୍ତୀକୁ ସରକାରୀସ୍ତରରେ ପାଳନ କରିବା ପାଇଁ ନେତାଜୀ ସୁବାଷ ବୋଷ ଜୟନ୍ତୀ କମିଟି ତରଫରୁ ଦି ବେଲ୍ ଅଧକ୍ଷ ସିଦ୍ଧାର୍ଥ ରାୟ ଦାବି କରିଥିଲେ । ଅନ୍ୟତମ ଅତିଥି ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଅନୁଷ୍ଠାନ ତରଫରୁ ଦିଆଯାଇଥିବା ପ୍ରସ୍ତାବ ସ୍ୱାଗତଯୋଗ୍ୟ ଏବଂ ଏହା ଉପରେ ପ୍ରଶାସନିକ ସ୍ତରରେ ବିଚାର କରାଯିବ ବୋଲି କହିଥିଲେ । ପ୍ରଥମେ ଦୂର୍ଗାବାଡି ସମିତି ସାଧାରଣ ସମ୍ପାଦକ ସୁଦିପ କୁମାର୍ ଚାଟାର୍ଜୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ମାଖନଲାଲ ସ୍ମୃତି ସମିତି ସଭାପତି ଅନାମ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀ ଓ ପଦଯାତ୍ରାରେ ସାମିଲ ଥିବା ଇନର ହୁଇଲ କ୍ଲବ ଶ୍ରୀକ୍ଷେତ୍ର, ସାମନ୍ତ ଚନ୍ଦ୍ର ଶେଖର କଲେଜ ଛାତ୍ରଛାତ୍ରୀ, ପୁରୀ ଓମେନ୍ସ କ୍ରିକେଟ କ୍ଲବ, ପୁରୀ ଜିଲ୍ଲା ପୁରୁଷ ଓ ମହିଳା ବେସ ବଲ୍ ୟୁନିଟ, ସ୍ୱାମୀ ବିବେକାନନ୍ଦ ଯୁବଶକ୍ତି ସଂଗଠନ ଓ ବର୍ତିକା ସାମାଜିକ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ କୁ ଦି ବେଲ ୟୁଥ୍ ଓ ଓମେନସ କ୍ଲବ ଓ ଦୂର୍ଗାବାଡି ସମିତି କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।

## ସଂଗ୍ରହାଳୟରେ ନେତାଜୀଙ୍କ ଜୟନ୍ତୀ

ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ସ୍ଥାନୀୟ ଗୋପାଳ ବଲ୍ଲଭ ରୋଡସ୍ଥିତ ନେତାଜୀ ସଂଗ୍ରହାଳୟରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ସଂଗ୍ରହାଳୟରେ ପହଞ୍ଚି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ସଂଗ୍ରହାଳୟ ବୁଲି ଦେଖିବା ସହ ଭିତ୍ତିଭୂମିର ବିକାଶ ଦିଗରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଆଇନଜୀବୀ ଶିବ ପ୍ରସାଦ ମିଶ୍ର, ଡା. ବିପିନାନନ୍ଦ ମିଶ୍ର, ବରିଷ୍ଠ ପତ୍ରକାର ବିଷ୍ଣୁଦତ୍ତ ଦାସ, ଜଗନ୍ନାଥ ଦେବ, ଜ୍ୟୋତିପ୍ରକାଶ ନାୟକ, ନୀଳକଣ୍ଠ ମହାରଣା ପ୍ରମୁଖ ଯୋଗ ଦେଇଥିଲେ ।

## ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ପୁରୀ, ୨୩।୧(ସମିସ):** ମଙ୍ଗଳାଘାଟସ୍ଥିତ ଆଶ୍ୱସ୍ତି ଫାଉଣ୍ଡେସନ ଟ୍ରଷ୍ଟଠାରେ ନେତାଜୀ ଏବଂ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ସଂଘର ସଦସ୍ୟସଦସ୍ୟା ନେତାଜୀ ଏବଂ ସୁରେନ୍ଦ୍ର ସାଏଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ବୀରପୁରୁଷଙ୍କ ଜୟନ୍ତୀ ପାଳନ କରିଥିଲେ । ଭଗବାନ ପଡ଼ିହାରୀଙ୍କ ନେତୃତ୍ୱରେ ସଂଘର ସଦସ୍ୟ ଯଥା ରାଜକିଶୋର ମହାନ୍ତି, କମଳିନୀ ମହାପାତ୍ର, ମୀନାକ୍ଷୀ ମହାନ୍ତି, ରାଜଶ୍ରୀ କହଁର, ରାଜେଶ ତ୍ରିପାଠୀ, ମୋନାଲିସା ହରିଚନ୍ଦନ, କୁମକୁମ୍ ମିଶ୍ର, ଇନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଶ୍ରୀ ପଡ଼ିହାରୀ ଯୁବ ସମାଜକୁ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ । ସୁରେନ୍ଦ୍ର ସାଏଙ୍କ ବଳିଦାନ ସମ୍ପର୍କରେ ମଧ୍ୟ ସେ ସମସ୍ତଙ୍କୁ ଅବଗତ କରାଇଥିଲେ । ସଭା ଶେଷରେ ସଂଘ ସଭାପତି ଆଇନଜୀବୀ ଦୀପକ ପଣ୍ଡା ବୀରପୁରୁଷମାନଙ୍କ ଜୟଗାନ କରି ସଭା ଶେଷ କରିଥିଲେ ।

## ୩୦ ୟୁନିଟ୍ ରକ୍ତ ସଂଗ୍ରହ

ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ପୁରୀ ମିତ୍ର ସଂଘ ପକ୍ଷରୁ ମଙ୍ଗଳବାର ନବକଳେବର ରୋଡସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାନିକେତନ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଅନନ୍ତ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଆର୍‌ସି ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟଅତିଥି, ଡେଲାଙ୍ଗ କଲେଜ ଅଧ୍ୟକ୍ଷ ଅଶୋକ ଦାସ ମୁଖ୍ୟବକ୍ତା, ଶିକ୍ଷାନୁଷ୍ଠାନର ସେକ୍ରେଟାରୀ କବିରାଜ ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ମିତ୍ରସଂଘ ସଭାନେତ୍ରୀ ସୁହାସିନୀ ଶତପଥୀ ରକ୍ତଦାନ ସମ୍ପର୍କରେ ବୁଝାଇ କହିଥିଲେ । ଏଥିରେ ଅନୁଷ୍ଠାନର ସମ୍ପାଦକ ରାଜୀବ କୁମାର ମହାପାତ୍ର, କପିଳେଶ୍ୱର ମହାପାତ୍ର, ଜଗ୍‌ଦୀପ ବିଶୋଇ, ସୋନୁ ମଙ୍ଗରାଜ, ବିକ୍ରମ ସେନାପତି, ଭଗବାନ ବିଶୋଇ, ଶିବପ୍ରସାଦ ମିଶ୍ର, କୈଳାସ ପ୍ରଧାନ, ସତ୍ୟମ ଶିବମ୍ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ନେତାଜୀ ଜୟନ୍ତୀରେ ବକ୍ତୃତା ପ୍ରତିଯୋଗିତା

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ଅବସରରେ ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ପର୍ଯ୍ୟାୟରେ ୮୭ଜଣ ପ୍ରତିଯୋଗୀ ଏଥିରେ ଭଗନେଇ ନେତାଜୀ ସୁଭାଷ ବୋଷ, ବିପ୍ଳବୀ ଚନ୍ଦନ ହଜୁରୀ, ସହିଦ ଜୟୀ ରାଜଗୁରୁ, ଛତ୍ରପତି ଶିବାଜୀ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବୀରତ୍ୱ, ଦେଶପ୍ରେମ ସମ୍ପର୍କରେ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ । ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ, ପ୍ରାକ୍ତନ ପ୍ରଧାନଶିକ୍ଷକ ଅଜୟ କୁମାର ପଣ୍ଡା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିପ୍ରକାଶ ମହାରଣା ବିଚାରକ ଅତିଥି ରୂପେ ଯୋଗଦେଇଥିଲେ । ପ୍ରାରମ୍ଭରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ, ପ୍ରତିଷ୍ଠାତା ସଦସ୍ୟ ରମେଶ ଚନ୍ଦ୍ର ଦାଶ ପ୍ରମୁଖ ବିଦ୍ୟାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇ ଭାରତୀୟ ମୁକ୍ତି ସଂଗ୍ରାମରେ ବୀର ସହୀଦମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଜ୍ଞା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




# କେନ୍ଦ୍ରୀୟ ବିଦ୍ୟାଳୟରେ ଚିତ୍ରକଳା ପ୍ରତିଯୋଗିତା

**ପୁରୀ, ୨୩।୧(ସମିସ):** ପରାକ୍ରମ ଦିବସ ଅବସରରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ମଙ୍ଗଳବାର 'ସପ୍ତମ ସଂସ୍କରଣ ପରୀକ୍ଷା ଉପରେ ଚର୍ଚ୍ଚା' ବିଷୟବସ୍ତୁକୁ ନେଇ ଏକ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପୁରୀ ଡିଏଭି ପବ୍ଲିକ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମଦର୍ସ ପବ୍ଲିକ ସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ, ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର, ପୁଲିସ ନୋଡାଲ ହାଇସ୍କୁଲ, ଜାଭିୟର୍ସ ହାଇସ୍କୁଲ, ଜବାହର ନବୋଦୟ ବିଦ୍ୟାଳୟ, ପୁରୀ ଜିଲ୍ଲା ସ୍କୁଲ ଓ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଏହି ୧୦ଟି ବିଦ୍ୟାଳୟର ୧୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଅନନ୍ତ କୁମାର ସିଟ୍ ପ୍ରତିଯୋଗୀଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ମନମୋହନ ଖୁଣ୍ଟିଆ, ଆସନ୍ତା ୨୯ ତାରିଖରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା 'ପରୀକ୍ଷା ଉପରେ ଚର୍ଚ୍ଚା' ସମ୍ପର୍କରେ ବିଶଦ୍ ବିବରଣୀ ପ୍ରଦାନ କରିଥିଲେ । ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲିଖିତ 'ପରୀକ୍ଷା ଯୋଦ୍ଧା' ପୁସ୍ତକ ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର ପ୍ରତିଯୋଗୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଇଂରାଜୀ ଶିକ୍ଷକ ସବ୍ରତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଓଡ଼ିଶା ଚାରୁକଳା ମହାବିଦ୍ୟାଳୟର ଅଧ୍ୟାପକ ଉଦ୍ଧବ ଚରଣ ନାୟକ ଓ ସୂର୍ଯ୍ୟପ୍ରକାଶ ବେହେରା ପ୍ରତିଯୋଗିତାର ନିର୍ଣ୍ଣାୟକ ଭାବେ ଯୋଗଦେଇଥିଲେ ।





# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ସାକ୍ଷୀଗୋପାଳ, ୨୩।୧(ସମିସ):**



ଦୁଇ ଦିନ ଧରି ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ୍‌ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା 'ନୂଆ-ଓ', ଯୁବ ଓଡ଼ିଶା, ନବୀନ ଓଡ଼ିଶା'ପକ୍ଷରୁ ଅନୁଷ୍ଠିତ ଓଡ଼ିଆ ଭାଷା ସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ତଥା ପ୍ରଫେସର ସବିତା ପ୍ରଧାନ ସଭାପତିତ୍ୱ କରିଥିଲେ। ଯୋଗ ଦେଇଥିବା ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପ୍ରଫେସର ଅନନ୍ତ କିଶୋର ଜେନା। କୁଳପତି ଅତିଥିଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାଶ, ଅବସରପ୍ରାପ୍ତ ପ୍ରଫେସର ଗୌରାଙ୍ଗ ଚରଣ ଦାଶ ସାରଳା ଦାସଙ୍କ ମହାଭାରତର ଭାଷା ସମ୍ପର୍କରେ ଆଲେଚନା କହିଥିଲେ। ନିର୍ଦ୍ଦେଶ ଶାସ୍ତ୍ରୀୟ ଭାଷା ଉତ୍କର୍ଷର କେନ୍ଦ୍ରର ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗ ଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଅସ୍ମିତା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ହରପ୍ରସାଦ ମିଶ୍ର ଯୋଗ ଦେଇ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ବ୍ୟାକରଣର ବର୍ଣ୍ଣ ବିଚାର ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ସନ୍ତୋଷ କୁମାର ରଥ ଓଡ଼ିଆ ଉପଭାଷା ଉପଯୋଗିତା ସମ୍ପର୍କରେ ମତ ରଖିବା ପରେ ଅବସରପ୍ରାପ୍ତ ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ର ଆଜିର ଦିନରେ କମ୍ପ୍ୟୁଟରୀକରଣ ଓଡ଼ିଆ ଭାଷା ସମ୍ପର୍କରେ ନିଜସ୍ୱ ମତ ପ୍ରକାଶ କରିଥିଲେ। ଅଧ୍ୟାପକ ସଙ୍ଗୀତା ଜେନା ଧନ୍ୟବାଦ ଦେଇଥିଲେ।

# ପାନୀୟଜଳ ପ୍ରକଳ୍ପ କାମରେ ଆସୁନି



**ନୟାହାଟ, ୨୩।୧(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତର ଅରେଇ ଠାରେ ୨୦୨୦ ମସିହାରେ ନିର୍ମାଣ କରାଯାଇଥିବା ପାଣି ଟାଙ୍କି ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ପକଳ୍ପ ବ୍ୟବହାର ନହେବାରୁ ପାଣି ଟାଙ୍କି ଚାରିପଟେ ଅନା ବନା ଗଛ ଉଠି ଜଙ୍ଗଲ ସୃଷ୍ଟି ହୋଇଛି। ବସୁଧା ଯୋଜନାରେ ଉକ୍ତ ପାଣି ଟାଙ୍କି ୭୭ ଲକ୍ଷ ୮୫ ହଜାର ଟଙ୍କା ବିନିମୟରେ ନିର୍ମାଣ କରାଯାଇଥିବା ବେଳେ ବର୍ତ୍ତମାନ ଅଚଳ ହେବାକୁ ବସିଲାଣି। ଯାହାଫଳରେ ପଞ୍ଚାୟତର, ଅରେଇ, ମହନି ପୁର, ପଦ୍ମପୋଖରୀ ୩ଟି ଗ୍ରାମର ୩ ଶହ ପରିବାର ପାନୀୟ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ବସୁଧା ଯୋଜାନାରେ ହୋଇଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଲୋକଙ୍କ କାମରେ ଆସୁନଥିବାରୁ ସରକାରଙ୍କ ୭୭ଲକ୍ଷ ଟଙ୍କା ପାଣିରେ ପଡ଼ିଲା ବୋଲି ସାଧାରଣ ଚର୍ଚ୍ଚା ହେଉଛି। ଏହି ପ୍ରକଳ୍ପ ନିର୍ମାଣ ବେଳେ ଅତି ନିମ୍ନମାନର ପାଇପ୍ ବ୍ୟବହାର କରାଯାଇଥିବାରୁ ତାହା ନଷ୍ଟ ହୋଇଗଲାଣି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଉକ୍ତ ଟାଙ୍କି ନିର୍ମାଣ ନିର୍ମାଣରେ ହୋଇଥିବା ଅନିୟମିୟତା ପଦାକୁ ଆସିବ ବୋଲି ଦାବି ହେଉଛି।

# କାକଟପୁର-ଦେଉଳିମଠ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**କାକଟପୁର, ୨୩।୧(ସମିସ):** କାକଟପୁର ଅଞ୍ଚଳବାସୀଙ୍କ ସହ ବହୁ ପର୍ଯ୍ୟଟକ ଓ ଭକ୍ତଙ୍କ ଦୀର୍ଘ ଦିନର ଦାବି ପରେ ଶେଷରେ କାକଟପୁର ଦେଉଳିମଠ ରାସ୍ତା ନିର୍ମାଣ ପାଇଁ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାପେକ୍ସ ଯୋଜନାରେ ୩ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଯାଉଥିବା ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ(ସ୍ୱାଧୀନ )କୁମାର ନାୟକ, ପୂର୍ବତନ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋର୍ତିମୟ ଦଳାଇ, ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ ଅତିଥିଭାବେ ଯୋଗଦେଇ ଥିଲେ। ନିମାପଡ଼ା ଜଳସେଚନ ବିଭାଗ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ, କାକଟପୁର ଜଳସେଚନ ବିଭାଗ ଉପଖଣ୍ଡର ଏସଡିଓ ରାକେଶ କୁମାର ସାହୁ, ସହକାରୀ ଯନ୍ତ୍ରୀ ତପନ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ବିନୋଦ କୁମାର ମାଝୀ, ନୀତିଶ କୁମାର ସାହୁ, ଯୁବ ସମାଜସେବୀ ରଶ୍ମିରଞ୍ଜନ ସାହୁ, ସୁଧାକର ନାୟକ, ଜିତେନ୍ଦ୍ରିୟ ନାୟକ, ଚିନ୍ମୟ କୁମାର ଖୁଣ୍ଟିଆଙ୍କ ସମେତ ଅଞ୍ଚଳବାସୀ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟଯେ ଜଗତର ନାଥ ଜଗନ୍ନାଥଙ୍କ ନବକଳେବର ସମୟରେ ପୁରୀରୁ ଦଇତାପତିମାନେ ଦାରୁ ସନ୍ଧାନରେ ଆସି କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା' ମଙ୍ଗଳାଙ୍କ (ସ୍ୱପ୍ନାଦେଶ )ପାଇବା ପର୍ଯ୍ୟନ୍ତ ଦେଉଳି ମଠ ଠାରେ ବିଶ୍ରାମ କରିଥାନ୍ତି। ମାତ୍ର ପରିତାପର ବିଷୟ ଏହି ମଠ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା କେବଳ ଫଳକରେ ସୀମିତ ଥିବା ବେଳେ ମଠକୁ ଭଲ ରାସ୍ତାଟିଏ ଏଯାବତ ସଂଯୋଗ ହୋଇପାରିନଥିଲା। ମଠର ଦକ୍ଷିଣ ପାର୍ଶ୍ୱ ରାସ୍ତା ଶୋଚନୀୟ ହୋଇ ପଡ଼ିରହିଥିବା ବେଳେ ବାମ ପାର୍ଶ୍ୱରେ ଥିବା ମାଟି କେନାଲ ବନ୍ଧ ରାସ୍ତାକୁ ପ୍ରଶସ୍ଥିକରଣ ପରେ ପିଚୁ ରାସ୍ତାରେ ପରିଣତ କରିବାକୁ କାପେକ୍ସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରାସ୍ତା ନିର୍ମାଣ ପାଇଁ ସରକାରୀ ଅନୁଦାନ ଯୋଗାଇ ଦିଆଯାଇଥିବାରୁ ଏନେଇ ଭକ୍ତଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

# କୁଣ୍ଡେଇ ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ



**କାକଟପୁର, ୨୩।୧(ସମିସ):** କାକଟପୁର ବ୍ଲକ ଅଧିନସ୍ଥ କୁଣ୍ଡେଇ ପଞ୍ଚାୟତ କୁଣ୍ଡେଇ ସେବା ସମବାୟ ସମିତି ପକ୍ଷରୁ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସେବା ସମବାୟ ସମିତିର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଫୁଲ କୁମାର ନାୟକ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ କାକଟପୁର ଶାଖାର ସୁପରଭାଇଜର ଚନ୍ଦନ ବାରିକ, ସରପଞ୍ଚ ପ୍ରଭାତୀ ରାଉତ, ସେବା ସମବାୟ ସମିତିର ଉପସଭାପତି ବବିତା ସାହୁ, ସମ୍ପାଦକ ଅଲେଖ ଚନ୍ଦ୍ର ନାୟକ, ଚାଷୀ ନେତା ବିପିନ ବିହାରୀ ରାଉତ, ବୋର୍ଡ ସଦସ୍ୟ ଅମରେଶ୍ୱର ନାୟକ, ବାଞ୍ଛାନିଧି ସାହୁ, ଗଗନ ସାହୁ, ଅକ୍ଷୟ କୁମାର ନାୟକ, ଗୋପୀ ବିହାରୀ କାନୁନଗୋ, ପଦ୍ମ ଚରଣ ସାହୁ, ମହେଶ୍ୱର ନାୟକ, ଜନାର୍ଦ୍ଦନ ସାହୁ, ଗଗନ ସାହୁ, ବୋର୍ଡ ସଭ୍ୟା ଶାନ୍ତିଲତା ସାହୁ, ସବିତା ଦାସ, ବନିତା ସାହୁ, କବି କୃଷ୍ଣ ନାୟକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ନିମାପଡ଼ା ଆଞ୍ଚଳିକ ବଜାର ନିୟନ୍ତ୍ରିତ କମିଟିର ନୋଡାଲ ଅଫିସର ଅନୁ ଚରଣ ପାତ୍ର ଧାନର ମାନ ପରୀକ୍ଷଣ କରିଥିବା ବେଳେ ଉଦ୍‌ଘାଟନର ପ୍ରଥମ ଦିନରେ ୧୨ ଜଣ ଚାଷୀଙ୍କ ଠାରୁ ୪ଶହ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା।

# ପ୍ରାଚୀ ଉପତ୍ୟକାରେ ରାମଲାଲାଙ୍କ ପ୍ରତିଷ୍ଠା ଉତ୍ସବ

**କାକଟପୁର/ଗମ୍ଭାରୀପଦା, ୨୩।୧(ସମିସ):** କାକଟପୁର ବ୍ଲକ ଅନ୍ତର୍ଗତ ପୌରାଣିକ ପ୍ରାଚୀତଟରେ ବିରାଜମାନ କରିଥିବା ଦେବାଳୟ, ମଠ, ମନ୍ଦିର ଗୁଡ଼ିକରେ ମହାଆଡ଼ମ୍ବରରେ ଅଯୋଧ୍ୟାରେ ଅନୁଷ୍ଠିତ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସମାରୋହକୁ ପାଳନ କରାଯାଇଛି। କଣ୍ଟାପଡ଼ା ଗ୍ରାପର ପତିସାହିସ୍ଥ ସତ୍ୟ ମହାବୀର ମନ୍ଦିର, କାକଟପୁରର ମା' ମଙ୍ଗଳା ମନ୍ଦିର, ପ୍ରାଚୀ



ତଟରେ ପ୍ରତିଷ୍ଠିତ ପୌରାଣିକ ଅଷ୍ଟଶମ୍ଭୁ, ଦ୍ୱାଦଶ ମାଧବ, ପ୍ରାଚୀନ ମଠ, ଗ୍ରାମର ଗ୍ରାମଦେବତୀ ମାନଙ୍କ ପାଖରେ ରାମତାରକ ମନ୍ତ୍ର ଓ ଭଜନ ଜଣାଣରେ ଚତୁର୍ଦ୍ଦିଗ ରାମମୟ ହୋଇଯାଇଥିଲା।

## ● ମହାବୀର୍ କପ୍ କ୍ରିକେଟ ଉଦ୍‌ଯାପିତ

# ବରାଙ୍ଗକୁ ହରାଇ ବଲରା ଚାମ୍ପିଅନ

**କାକଟପୁର, ୨୩।୧(ସମିସ):** ଧର୍ମଶାଳା ପଡ଼ିଆରେ ମା'କାକଟେଶ୍ୱରୀ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ମହାବୀର କପ୍ ଉଦ୍‌ଯାପିତ ହୋଇଯାଇଛି। ମହାବୀର୍ କପ୍ ଫାଇନାଲ୍ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ ବରାଙ୍ଗ, ଅସ୍ତରଙ୍ଗ ବନାମ ବଲରା, କାକଟପୁର। ପ୍ରଥମେ ବରାଙ୍ଗ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୬୭ ରନ୍ କରିଥିଲା। ୬୮ ରନ୍‌ର ଟାର୍ଗେଟ ନେଇ ପଡ଼ିଆକୁ ଓହ୍ଲାଇଥିବା ବଲରା ଟିମ୍ ୮ ଓଭରରେ ୬୮ରନ୍ କରି ବିଜୟ ଲକ୍ଷ୍ୟ ହାସଲ କରିବା ସହ ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବରେ ସୂର୍ଯ୍ୟକାନ୍ତ ଦୀକ୍ଷିତ, ସରୋଜ ସାମଲ ଓ ଅବସର ପ୍ରାପ୍ତ ଫାର୍ମାସିଷ୍ଟ କେଦାରନାଥ ଦୀକ୍ଷିତ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଚାମ୍ପିଅନ ଦଳକୁ ୧୮ହଜାର ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୧୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା ବୋଲି କ୍ଲବ୍‌ର ସମ୍ପାଦକ ପବିତ୍ର କୁମାର ଦୀକ୍ଷିତ ସୂଚନା ଦେଇଛନ୍ତି। ମନିଷ କୁମାର, ରାକେଶ କୁମାର ଦୀକ୍ଷିତଓ ଅମିତ କୁମାର ଦୀକ୍ଷିତ ଅମ୍ପାୟାର ଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ଭବାନୀ ଶଙ୍କର ଦୀକ୍ଷିତ, ସମ୍ପାଦକ ପବିତ୍ର କୁମାର ଦୀକ୍ଷିତ, ସହସମ୍ପାଦକ ସଲୀଳ ରଞ୍ଜନ ଦୀକ୍ଷିତ ଓ ସଭ୍ୟ ସୂର୍ଯ୍ୟକାନ୍ତ ଦୀକ୍ଷିତ, ସଚିନ, ଶୁଭେନ୍ଦୁ, ଶକ୍ତି, ଲିପୁ, ରାଜେଶ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଚାରିଛକ ପ୍ରେସ୍ କ୍ଲବ ପକ୍ଷରୁ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା



**ନୟାହାଟ, ୨୩।୧(ସମିସ):** ପୁରୀ ଜିଲ୍ଲା ଚାରିଛକ ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପରେ ଚାରିଛକ ପ୍ରେସ କ୍ଲବର ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବରିଷ୍ଠ ନାଗରିକ, ସମାଜସେବୀ, ଛାତ୍ରଛାତ୍ରୀ ସହିତ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ମୁଖ୍ୟଅତିଥି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ରାଜ୍ୟ ସାମ୍ବାଦିକ ସଂଘ ସଭାପତି କୈଳାସ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ଓଝା, ସରପଞ୍ଚ ଚାରୁଲତା ବେହେରାଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିବା ବେଳେ ସାମ୍ବାଦିକ ଶିଶିର କୁମାର ସ୍ୱାଇଁ, ସାମ୍ବାଦିକ ବସନ୍ତ କୁମାର ମଲ୍ଲ ଓ ସାମ୍ବାଦିକ ରଶ୍ମିରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଚାରିଛକ ପ୍ରେସ କ୍ଲବ ପକ୍ଷରୁ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା କରାଯାଇଥିବାରୁ ସାମ୍ବାଦିକ ମହଲରେ ଖୁସିର ଲହରୀ ଖେଳିଯାଇଛି।

# ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱତନ୍ତ୍ର ଶୀତକାଳୀନ ଶିବିର

**କାକଟପୁର, ୨୩।୧(ସମିସ):** କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରୀଗାଁ ପ୍ରାଚୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସ୍ୱତନ୍ତ୍ର ଶୀତକାଳୀନ ଶିବିର, ଜାତୀୟ ସେବା ଯୋଜନା ସ୍ଥାନୀୟ ଜଳେଶ୍ୱରପଡ଼ା ପଞ୍ଚାୟତ ଶୁକପୋଖରୀ ସତ୍ୟନାରାୟଣ ୟୁଥ କ୍ଲବ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ପ୍ରାଚୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ତର୍କଶାସ୍ତ୍ର ର ଅଧାପକ ସୁରେନ୍ଦ୍ର କୁମାର ମାଣିକ, ଜାତୀୟ ସେବା ଯୋଜନାର ପୋଗ୍ରାମ ଅଫିସର ଅଧାପକ ଉମା ଶଙ୍କର ନାୟକ ଯୋଗ ଦେଇ ଏନଏସଏସର ଗୁରୁତ୍ୱ ଉପରେ ସ୍ୱେଚ୍ଛାସେବୀଙ୍କୁ ବୁଝାଇଥିଲେ। ଏଥିରେ ବିଦ୍ୟାଳୟ ର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଏହି ଶିବିର ସାତ ଦିନ ଚାଲୁ ରହିବ ବୋଲି ଅଧାପକ ଶ୍ରୀ ନାୟକ ଜଣାଇଛନ୍ତି।

# ଶ୍ରାଦ୍ଧ ବାର୍ଷିକ ଓ ସ୍ମୃତିଚାରଣ ସଭା





**ନିମାପଡ଼ା, ୨୩।୧(ସମିସ)** :ରବିବାର ଦିନ ସ୍ୱର୍ଗତ ରବୀନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାଦଶ ଶ୍ରାଦ୍ଧ ବାର୍ଷିକ ଓ ସ୍ମୃତିଚାରଣ ସଭା ନିଜ ବାସ ଭବନ ମହତାବ ନଗରର କଟକ ଠାରେ ପାଳିତ ହୋଇଯାଇଛି। ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କ ବଡ଼ପୁଅ ସୂର୍ଯ୍ୟ ପ୍ରକାଶ ପଣ୍ଡାଙ୍କ ଦ୍ୱାରା ଆୟୋଜିତ କାର୍ଯକ୍ରମରେ ସମାଜସେବୀ ଭଗବାନ ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଅଜୟ କୁମାର ପାତ୍ର, ପ୍ରଦୀପ କୁମାର ସାହୁ, ଉମାକାନ୍ତ ପଟ୍ଟନାୟକ, ସାମ୍ବାଦିକ ପ୍ରଫୁଲ୍ଲ କୁମାର କର, ଶିକ୍ଷାବିତ ସଞ୍ଜୟ ଚାନ୍ଦ, ବବିତା ପଣ୍ଡା, ସବିତା ପଣ୍ଡା, ଭଣଜା ପ୍ରବୀର କୁମାର କର, ସୁବାସିସ ଚାନ୍ଦ, ସାନପୁଅ ବିଶ୍ୱ ପ୍ରକାଶ ପଣ୍ଡା, ସତ୍ୟଜିତ, ରାହୁଲ, ଟୁକୁନା ଓ ଶୁଭମଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ।

# ବିଭିନ୍ନ ସ୍ଥାନରେ ନେତାଜୀ ଜୟନ୍ତୀ



**ଡେଲାଙ୍ଗ, ୨୩।୧(ସମିସ):** ଡେଲାଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଅନୁଷ୍ଠାନ ପକ୍ଷରୁ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ହୁମରସ୍ଥିତ ଗଡେଶ୍ୱର ଦେବ ନୋଡାଲ ଉ.ପ୍ରା ବିଦ୍ୟାଳୟ ପରିସରରେ ଆଜି ନେତାଜିଙ୍କ ଜୟନ୍ତୀ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ଥିବା ନେତାଜୀଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯିବା ସହିତ ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଶିକ୍ଷକ ଦିଲ୍ଲିପ କୁମାର ନାୟକ, କୃପାସିନ୍ଧୁ ଦାଶ, ମନୋରଞ୍ଜନ ଜେନା, ଜଗବନ୍ଧୁ ବେହେରା, ସତ୍ୟନାରାୟଣ ସୋରେନ୍ ପ୍ରମୁଖ ଉପସ୍ଥିରହି ଦେଶ ପାଇଁ ନେତାଜୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ବରକେରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଡ଼ବେଗୁନିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡେଲାଙ୍ଗ ଉନ୍ନତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ପିତ୍ତପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାନାମ୍ବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାଧାକାନ୍ତ ବିଦ୍ୟାପୀଠ ଓ କୁଆପଦା ଗ୍ରାମ୍ୟ କମିଟି ପକ୍ଷରୁ ନେତାଜୀ ଓ ବୀରସୁରେନ୍ଦ୍ର ସାଏଙ୍କ ଜୟନ୍ତି ପାଳିତ ହୋଇଯାଇଛି।

# ଉଷୁ ଖେଳରେ ଡେଲାଙ୍ଗକୁ ୨ ପଦକ

**ଡେଲାଙ୍ଗ, ୨୩।୧(ସମିସ):** ତାମିଲନାଡୁର କୋୟମ୍ବତୁର ସ୍ଥିତ କେପିଆର ସ୍ପୋର୍ଟସ କମ୍ପ୍ଲେସ୍ ପରିସରରେ ଖେଲୋ ଇଣ୍ଡିଆ ସାଉଥ ଜୋନ ପକ୍ଷରୁ ଗତ ୧୮ ତାରିଖରେ ଉଷୁ କ୍ରୀଡ଼ା ଅନୁଷ୍ଠିତ ହୋଇ ୨୧ ତାରିଖରେ ଶେଷ ହୋଇଯାଇଛି। ଏହି କ୍ରୀଡାରେ ପୁରୀ ଜିଲ୍ଲାର ଡେଲାଙ୍ଗ ବ୍ଲକ ରାଧାକାନ୍ତ ବିଦ୍ୟାପୀଠରୁ ୨ ଜଣ ଛାତ୍ରୀ ଯୋଗଦେଇଥିବା ବେଳେ ଗଡେଶ୍ୱର ଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଜଣେ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ରୋଜାଲିନ୍ ବିଶ୍ୱାଳ ସିଲଭର ପଦକ ହାସଲ କରିଥିବା ବେଳେ ସ୍ୱପ୍ନା ବିଶ୍ୱାଳ ବ୍ରୋଞ୍ଜ ପଦକ ହାସଲ କରିଥିବା କ୍ରୀଡା ଶିକ୍ଷକ ନଟବର ସେଠୀ ସୂଚନା ଦେଇଛନ୍ତି। ଓଡ଼ିଶା ଉଷୁ ସଂଘ ସମ୍ପାଦକ ଯୁବରାଜ ହରିଚନ୍ଦନ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ, ସାମାଜିକକର୍ମୀ ପଦ୍ମନାଭ ବରାଳ, ଅଭିଭାବକ ଶୌଭାଗ୍ୟ ରଞ୍ଜନ ବରାଳ ପ୍ରମୁଖ କ୍ରୀଡାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମା'ନାରାୟଣୀଙ୍କ ପୀଠରେ ଶ୍ରୀରାମ ମହୋତ୍ସବ



**ନିମାପଡ଼ା, ୨୩।୧(ସମିସ):** ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କର ପ୍ରାଣ ପ୍ରତିଷ୍ଠା ଅବସରରେ ନିମାପଡ଼ା ପ୍ରହରାଜ ସାହି ମା'ନାରାୟଣୀଙ୍କ ପୀଠରେ ଶ୍ରୀରାମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ଶ୍ରୀରାମଙ୍କ ଆସନ ସ୍ଥାପନ କରାଯାଇ ଯଥାବିଧି ପୂଜାକାର୍ଯ୍ୟ ସ୍ତୋତ୍ର ବନ୍ଦନା, ରାମ ଭଜନ, ରାମଧୁନ ପରିବେଷଣ କରାଯାଇଥିଲା। ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରତାପ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ବିଶ୍ୱ ପ୍ରାର୍ଥନା ଦିବସ ଟ୍ରଷ୍ଟର ଉପଦେଷ୍ଟା ପ୍ରଫେସର ଡ଼ ପ୍ରଭାତ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିଶ୍ୱ ପ୍ରାର୍ଥନା ଦିବସ ଟ୍ରଷ୍ଟର ଅଧକ୍ଷ ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀ ଯୋଗ ଦେଇ ବେଦ ପାଠ କରିଥିଲେ ସାମୁହିକ ପ୍ରାର୍ଥନା କରାଯାଇଥିଲା। ଗ୍ରାମବାସୀଙ୍କ ତରଫରୁ ପଣ୍ଡିତ ଭାରତୀ ଗୋସ୍ୱାମୀଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସନ୍ତୋଷ କୁମାର ମିଶ୍ର, ହୃଦାନନ୍ଦ ମିଶ୍ର, ବସନ୍ତ କିଶୋର ମିଶ୍ର, ସୁଦର୍ଶନ ମିଶ୍ର, ଅନନ୍ତ ବାସୁଦେବ ମିଶ୍ର, ରବିନାରାୟଣ ମିଶ୍ର, ବଦ୍ରିନାରାୟଣ ମିଶ୍ର, ହରେକୃଷ୍ଣ ମିଶ୍ର, ବଟକୃଷ୍ଣ ମିଶ୍ର, ଭେଙ୍କଟେସ ଭାରତୀଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

# କୃଷି ବିଜ୍ଞାନ କେନ୍ଦ୍ରରେ ଛତୁମଞ୍ଜି ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ



**ସାକ୍ଷୀଗୋପାଳ, ୨୩।୧ ( ସମିସ)** ୩୧୬ନଂ ଜାତୀୟ ରାଜପଥର ସାକ୍ଷୀଗୋପାଳ ବ୍ଲକ ଛକ ନିକଟରେ ଅବସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପୁରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ରକୁ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଏକ ୯୦ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ କୃଷକ ନିବାସର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଥିବା ମା'ମାଙ୍ଗଳା ପୋଷଣ ବଗିଚା ଦେଖି ବହୁ ଖୁସି ପ୍ରକାଶ କରିଥିଲେ। ୬୦ ଫୁଟ ଗୋଲାକାର ଜମିରେ କିପରି ପରିବା, ଶାଗ ଜାତୀୟ, ମୂଳଜାତୀୟ ପନି ପରିବା ଚାଷ କରାଯାଇଛି। ଯାହାକି ଏକ ଚୋଟ ପରିବାର ନିଜର ପନିପରିବା ଚାଷ କରି ନିଜର ପରିବାର ପୋଷି ପାରିବ। ସେହିପରି ଫାର୍ମ ପରିସରରେ ଥିବା ବିଭିନ୍ନ ଚାଷ ସମ୍ପର୍କରେ ଅଧିକାରୀଙ୍କ ସହିତ ଆଲେଚନା କରିଥିଲେ। ବହୁ ଶିଘ୍ର ପ୍ରଭୁ ଜଗନ୍ନାଥଙ୍କ ପାଇଁ ପଦ୍ମ ଓତୁଳସୀ ବଗିଚା କରାଯିବ ବୋଲି କୃଷି ବିଜ୍ଞନେ କେନ୍ଦ୍ରର ମୁଖ୍ୟ ଡ. ସୂର୍ଯ୍ୟନାରାୟଣ ମିଶ୍ରଙ୍କ ଠାରୁ ସୁଚନା ମିଳିଛି। ଅନ୍ୟ ମାନଙ୍କ ମଧ୍ୟରେ କୃଷି ସମ୍ପସାରଣ ଅଧିକ୍ଷଙ୍କ ପ୍ରଫେସର ପ୍ରସନ୍ନଜିତି ମିଶ୍ର, ଗବେଷଣା ଅଧକ୍ଷ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁଙ୍କ ସହିତ ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ, ଅମ୍ବିକା ପ୍ରସାଦ ନାୟକ, ବୈଜ୍ଞାନିକ ଡ. ସୁମିତ୍ରା ଆଚାର୍ଯ୍ୟ, ବୈଜ୍ଞାନିକ ଡ. ଦିପଶିଖା ପରମଜିତ, ଡ, ସାର୍ଥକ ପଟ୍ଟନାୟକ, ରାଜେଶ କୁମାର ମହାପାତ୍ର ଓ ବିଷ୍ଣୁପ୍ରସାଦ ଦାଶପ୍ରମୁଖ ଉପସ୍ଥିତ ରହିଥିଲେ।

# କଣାସରେ ୮ ଦିନ ହେଲା ହାତୀପଲଙ୍କ ଉପଦ୍ରବ

**କଣାସ, ୨୩।୧(ସମିସ):** କଣାସ ବ୍ଲକରେ ୮ଦିନ ହେଲା ହାତୀପଲ ଗଡ଼ଖାରଦ, ଦେଇପୁର, ଦିବ୍ୟସିଂହପୁର, ଦୋକନ୍ଦା, ବଡପୁଟ, ସାନପୁଟ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପସି ତାଣ୍ଡବ ଲିଳା ସୃଷ୍ଟି କରିବା ସହିତ ଖାଳାବାଡିରେ ଚାଷୀମାନେ ରଖିଥିବା ଧାନବସ୍ତାକୁ ଦଳିଚକଟି ଖାଇ ନଷ୍ଟ କରିଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ସୋମବାର ରାତିରେ ୨୦ରୁ ୨୨ଟି ହାତୀ ଦେଇପୁର ପଞ୍ଚାୟତର ତେଲେଙ୍ଗାପଡ଼ା, ବଡାଲ ପଞ୍ଚାୟତର ବିଣ୍ଡିପୁର, ଖୁଣ୍ଟିଆବାଣପୁର ଗ୍ରାମରେ ପଶି ଚାଷୀମାନେ ଖଳାରେ ଅମଳକରି ରଖିଥିବା ଧାନବସ୍ତା ଖାଇ ଦଳି ନଷ୍ଟ କରିଦେଇଛନ୍ତି। ତେଲେଙ୍ଗାପଡ଼ା ଗ୍ରାମର ସୁରଥ ସୁନ୍ଦରାୟ, ଗୋଲେଖ ସୁନ୍ଦରାୟ, ଅଲେଖ ସୁନ୍ଦରାୟ, ହରିଆ ସୁନ୍ଦରାୟ, ଯୋଗି ସୁନ୍ଦରାୟ, ମଙ୍ଗୁଳି ସୁନ୍ଦରାୟ, ଦନେଇ ସୁନ୍ଦରାୟ, ସୁରଥ ଜୟସିଂହ, ଭରତ ଜୟସିଂହ, ଭିକାରି ବିଶ୍ୱାଳ, ଲକ୍ଷ୍ମୀଧର ପାଟଶାଣୀ, ପ୍ରମୋଦ ପଟ୍ଟନାୟକ, ନରେନ୍ଦ୍ର ସୁନ୍ଦରାୟ, ଗଙ୍ଗାଧର ବିଶ୍ୱାଳ,



ଖୁଣ୍ଟିଆବାଣପୁର ଗ୍ରାମର ଅନୁପ ସାହୁଙ୍କ 'ଫାର୍ମରେ ପସି ୮ଟି ନଡିଆଗଛ, କଦଳୀଗଛ ଅନ୍ୟାନ୍ୟ ଗଛପତ୍ର ନଷ୍ଟ କରିଦେଇଛନ୍ତି। ବନବିଭାଗର ଡେଲାଙ୍ଗ ରେଞ୍ଜର ସାନ୍ତାନୁ ଦଳାଇଙ୍କୁ ପଚାରିବାରୁ ସେ କୁହନ୍ତି ହାତୀ ଉପରେ ଆମେ ୮ଦିନ ହେଲା ନଜର ରଖିଛୁ। କିନ୍ତୁ ଗ୍ରାମବାସୀମାନେ କହୁଛନ୍ତି ବନବିଭାଗର କୌଣସି କର୍ମଚାରୀଙ୍କ ଦେଖାନାହିଁ। ୮ଦିନ ହେଲା ପ୍ରତ୍ୟେକ ରାତିରେ ନିରାକାରପୁର ନିକଟ ଚିତ୍ରକୁଟ ଓ କାଶିପୁର ପାହାଡରୁ ହାତୀପଲ ଆସି ତାଣ୍ଡବଲିଳା ସୃଷ୍ଟିକରି ଫେରିଯାଉଛନ୍ତି।

## ଫତେଗଡ଼ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

# 'ଆଧ୍ୟାତ୍ମିକ ଭାବାବେଗ ପରିବେଶ ସୃଷ୍ଟି ପାଇଁ ଧ୍ୟାନ ଦିଆଯିବ'

ନୟାଗଡ଼/ଭାପୁର, ୨୩।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ଠାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଚାଲୁ ରହିଛି। ଆୟୋଜିତ ହେଉଥିବା ପ୍ରତିଷ୍ଠା ଉତ୍ସବ ବୁଧବାର ପୂର୍ଣ୍ଣାହୁତି ହେବ। ଏହି ଉପଲକ୍ଷେ ହଜାର ହଜାର ଭକ୍ତଙ୍କ ସମାଗମ ସବୁଦିନ ହେଉଛି। ଏହି କାର୍ଯ୍ୟକ୍ରମରେ ଆଜି ଅତିଥି ଭାବେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଦୈନିକ 'ସକାଳ' ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ଦାସ, 'ସକାଳ'ର ପ୍ରକାଶକ ଅମିତ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ହଜାର ହଜାର ଲୋକ ଅତିଥିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସଙ୍କୀର୍ତ୍ତନ ଦଳ ସହ ସ୍ଥାନୀୟ ଜନସାଧାରଣ ଏବଂ ସ୍ୱାଗତ ସମିତି ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଅତିଥିମାନେ ପ୍ରଥମେ ଯଜ୍ଞକୁଣ୍ଡ ନିକଟରେ ପହଞ୍ଚିଥିଲେ। ସେଠାରେ ପୂଜା କାର୍ଯ୍ୟରେ ସାଂସଦ ସାମିଲ ହେବା ସହ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଶ୍ରୀରାମ ମନ୍ଦିର ପାର୍ଶ୍ୱ ଦେବତାଙ୍କୁ ଦର୍ଶନ କରିବା ସହ ମନ୍ଦିର ପରିକ୍ରମା କରିଥିଲେ। ଶେଷରେ ପ୍ରତିଷ୍ଠା ପାଇଥିବା ପ୍ରଭୁ ଶ୍ରୀରାମ, ମାତା ସୀତା ଏବଂ ଲକ୍ଷ୍ମଣଙ୍କ ଭବ୍ୟ ମୂର୍ତ୍ତୀକୁ ଦର୍ଶନ କରିଥିଲେ। ଏହି କାର୍ଯ୍ୟରେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଉପାଧକ୍ଷ ଶିଶୁର ସାହୁ, ଖଣ୍ଡପଡ଼ା ବ୍ଲକ ଅଧକ୍ଷା ଉପାଧକ୍ଷ ଉପମା ବେହେରା,





ଜିଲ୍ଲା ପରିଷଦ ସଭ୍ୟ, ଭାପୁର ବ୍ଲକ ମହିଳା ସଭାପତି କବିତା ମହାରଣା ଓ ଖଣ୍ଡପଡ଼ା ବ୍ଲକ ମହିଳା ସଭାପତି ମିନତୀ ସାହୁ ଯୋଗ ଦେଇଥିଲେ। ଶ୍ରୀରାମଙ୍କୁ ଦର୍ଶନ କରିବା ପରେ ଏହା ମୋର ଭାଗ୍ୟ ବୋଲି ସାଂସଦ ଶ୍ରୀ ମଙ୍ଗରାଜ କହିଛନ୍ତି। ଏଭଳି ମନ୍ଦିର ନିର୍ମାଣ ଓଡ଼ିଶାରେ ବିରଳ। ପାହାଡ଼ ଉପରେ ସୁନ୍ଦର କାରୁକାର୍ଯ୍ୟ ସମ୍ପର୍ଣ୍ଣ ଏହି ମନ୍ଦିରକୁ କିଭଳି ଅଧିକ ପର୍ଯ୍ୟଟକ ଆସିବେ ତାହା ଉପରେ ଗୁରୁତ୍ୱ ଦିଆଯିବ। ଅଞ୍ଚଳବାସୀ ଓ ଭାପୁର ବ୍ଲକ ଅଧକ୍ଷଙ୍କୁ ଶ୍ରୀ ମଙ୍ଗରାଜ ଧନ୍ୟବାଦ ଦେବା ସହ କିଭଳି ଆଧ୍ୟାତ୍ମିକ ଭାବାବେଗ ପରିବେଶ ସୃଷ୍ଟି ହେବ ସେ ନେଇ ଧ୍ୟାନ ଦିଆଯିବ ବୋଲି କହିଛନ୍ତି। ଗୁରୁବାରଠାରୁ କଳସଯାତ୍ରା ପରେ ଆୟୋଜିତ ହୋଇଥିବା ସାତ ଦିନିଆ ପ୍ରତିଷ୍ଠା ଉତ୍ସବ ବୁଧବାର ପୂର୍ଣ୍ଣାହୁତି ସମାପ୍ତ ହେବ। ବାରଜଣ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ହେଉଥିବା ମହାଯଜ୍ଞରେ ବ୍ରାହ୍ମଣମାନଙ୍କ ବେଦ ପାଠ ସହ ସାଧୁସନ୍ଥଙ୍କ ଭଜନକିର୍ତ୍ତନ ପରିବେଶକୁ ଭାବମୟ କରିଛି। ପ୍ରତିଷ୍ଠା ଉତ୍ସବ ଅସବରରେ ରାମ ମନ୍ଦିର ପରିସରରେ ରାମ ନାଟକ ଭାପୁର ବ୍ଲକ କରବର ଗ୍ରାମର ନୀଳକଣ୍ଠେଶ୍ୱର ନାଟ୍ୟ ସଂସଦ ଦ୍ୱାରା ଆୟୋଜିତ ହୋଇଛି। କଳାକାରଙ୍କ ଦ୍ୱାରା ଅଭିନୀତ ନାଟକ ଭକ୍ତଙ୍କୁ ମୁଗ୍ଧ କରିଥିଲା। ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସୁରୁଖୁରୁରେ ସମାପ୍ତ କରିବା ପାଇଁ ଜିଲ୍ଲା ପୁଲିସ ପ୍ରଶାସନ ସମସ୍ତ ଚେଷ୍ଟା ଜାରି ରଖିଛି। ସବୁଦିନ ଖଣ୍ଡପଡ଼ା ଏସଡିପିଓ ବିମଳ ବାରିକଙ୍କ ନେତୃତ୍ୱରେ ଫତେଗଡ଼ ଥାନା ଅଧିକାରୀ ସୁଜିତ କୁମାର ଦାସ ସମସ୍ତ ପୋଲିସ କର୍ମଚାରୀଙ୍କୁ ଧରି ଶାନ୍ତିଶୃଙ୍ଖଳା ରକ୍ଷା ସୁଚାରୁ ରୂପେ ପରିଚାଳନା କରୁଛନ୍ତି। ସୋମବାର ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା ଦିନ ଆୟୋଜକ ଓ ପୁଲିସ ପ୍ରଶାସନର ସମସ୍ତ ଆକଳନ ଭୁଲ ପ୍ରମାଣିତ କରି ତିନି ଲକ୍ଷରୁ ଉର୍ଦ୍ଧ୍ୱ ଜନସମାଗମ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ମଙ୍ଗଳବାର ଦିନ ନୟାଗଡ଼ ଏସ୍‌ପି ରାହୁଲ ଜୈନ ଫତେଗଡ଼ ଶ୍ରୀରାମମନ୍ଦିର






ଆସି ପରିସ୍ଥିତି ପରଖିଥିଲେ। ଏସ୍‌ପି ମନ୍ଦିର ଆସିବା ସମୟରେ ସପରିବାର ଆସି ରାମଲାଲାଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ବୁଧବାର ଯଜ୍ଞ ପୂର୍ଣ୍ଣାହୁତି ଓ ଶନିବାର ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଗସ୍ତ ରହିଥିବାରୁ ଅଧିକ ଜନସମାଗମ ରହିବ, ସେ ନେଇ ଏସ୍‌ପି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଭକ୍ତମାନେ ଏକ କିଲୋମିଟର ଚଢି ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରୁଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ବୟସ୍କା ମହିଳା ପୁରୁଷ ଓ ପିଲାମାନେ ପାହାଡ ଚଢିବା ପାଇଁ ହାତରେ ବାଡି ଓ ମୁହଁରେ ଜୟ ଶ୍ରୀରାମ କହି ପାହାଡ଼ ଚଢୁଥିବା ଦେଖିବାକୁ ମିଳିଛି।

## ମାନସିକ ପୂରଣ ନେଇ ତାରିଣୀଙ୍କ ପୀଠକୁ ପଦଯାତ୍ରା

ଖଣ୍ଡପଡ଼ା, ୨୩।୧(ସମିସ): ମନରେ ଭକ୍ତି ଓ ଶ୍ରଦ୍ଧା ପୂର୍ବକ ୨୪୩ କିଲୋମିଟର ଚାଲି ଚାଲି ଘଟଗାଁ ତାରିଣୀ ଦର୍ଶନ ପାଇଁ ଆଜି ପ୍ରାତଃ ସମୟରୁ ବାହାରିଛନ୍ତି ବାପପୁଅ। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା କର ସାହିରେ ରହୁଥିବା ତୋଫାନ ମହାପାତ୍ର ଓ ପୁଅ ସିଲୁ ମହାପାତ୍ର ଦୁହିଁଙ୍କର ମାନସିକ ପୂରଣ ହୋଇଥିବାରୁ



ମା ତାରିଣୀଙ୍କ ନିକଟକୁ ଚାଲି ଚାଲି ଯିବା ପାଇଁ ମନସ୍ଥ କରିଥିଲେ। ଏହି ପ୍ରରିପେକ୍ଷିରେ ଉଭୟେ ବାପପୁଅ ମଙ୍ଗଳବାର ସକାଳୁ ସହରାଞ୍ଚଳ ଅଧୀନ ନିଳକଣ୍ଠେଶ୍ୱର ଦେବ ଏବଂ ମା ମଙ୍ଗଳାଙ୍କ ନିକଟରେ ପୂଜାର୍ଚ୍ଚନା କରି ନିଜର ଭକ୍ତିଭାବ ରଖି ଗୁରୁଜନଙ୍କଠାରୁ ଆଶୀର୍ବାଦ ନେଇ ନିଜର ଯାତ୍ରା ଆରମ୍ଭ କରିଛନ୍ତି। ସାଥିରେ ମା'ମଙ୍ଗଳାଙ୍କ ଧଣ୍ଡା ନେଇ ତାରିଣୀଙ୍କର ଭଜନ ଗାନ କରି ଚାଲୁଥିବା ବେଳେ ବାଟୋଇମାନେ ଉଭୟଙ୍କୁ ସ୍ୱାଗତ କରିଥିଲେ। ତୋଫାନଙ୍କ କହିବା ଅନୁଯାୟୀ ଆଜିକାଲି ଆଧୁନିକ ଯୁଗର ଯୁବକ ମାନେ ବିଭିନ୍ନ ପ୍ରକାରର ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବା ଅପେକ୍ଷା ଧାର୍ମିକ ଓ ଆଧ୍ୟାତ୍ମିକ ମନୋଭାବ ନେଇ କାର୍ଯ୍ୟ କରିବାକୁ କହିଛନ୍ତି। ଦିନକୁ ତିରିଶରୁ ଚାଳିଶ କିଲୋମିଟର ଚାଲିବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ଏ ଯାତ୍ରା କଷ୍ଟଦାୟକ ହୋଇଥିଲେ ମଧ୍ୟ ମା ତାରିଣୀଙ୍କ ପାଇଁ କଣ୍ଟା ରାସ୍ତା ଫୁଲ ପରି ଅନୁଭବ ହେଉଛି। ନିଜ ପରିବାର ଏବଂ ବିଶ୍ୱର ମଙ୍ଗଳ କାମନା କରି ମା'ଙ୍କ ନିକଟରୁ ଫେରିବେ ବୋଲି କହିଛନ୍ତି।

## ମା' ବାଟପଛେଈଙ୍କ ବାର୍ଷିକ ପୂଜା ଉତ୍ସବ



ଗଣିଆ, ୨୩।୧(ସମିସ): ଗଣିଆ ବ୍ଲକ ଆଦିବାସୀ ବହୁଳ ଗ୍ରାମ ବଡସିଲିଙ୍ଗା ପଞ୍ଚାୟତର ଆରାଧ୍ୟ ଦେବୀ ମା' ବାଟପଛେଈଙ୍କର ବାର୍ଷିକ ପୂଜା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୋମବାର ଶୁଭାଧିବାସ ପରେ ମଙ୍ଗଳବାର ଅପରାହ୍ଣରେ ଆଦିବାସୀ ସମ୍ପ୍ରଦାୟର ପାରମ୍ପାରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ବଡସିଲିଙ୍ଗା ପଞ୍ଚାୟତର ୩୩ଟି ଗ୍ରାମର ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ଶହସ୍ରାଧିକ ଭକ୍ତଙ୍କର ସମାଗମ ହୋଇଥିଲା। ଆଦିବାସୀ ସମ୍ପ୍ରଦାୟର ଏହା ମୁଖ୍ୟ ପର୍ବ ହୋଇଥିବାରୁ ପରମ୍ପରା ଅନୁସାରେ ବହୁ ମାନସିକଧାରୀ ବୋଦା, ଗଞ୍ଜାକୁକୁଡା ବଳି ପକାଇଥିଲେ। ସେହିପରି ଗଣିଆ ବ୍ଲକର ଅନ୍ୟ ପଞ୍ଚାୟତରୁ ବହୁ ଶ୍ରଦ୍ଧାଳ ମା'ଙ୍କ ପାଖରେ ଭୋଗଲାଗି କରି ଦର୍ଶନ କରିଥିଲେ। ଏହି ପୂଜା ଉସବରେ ବିଭିନ୍ନ ଅସ୍ଥାୟୀ ଦୋକନ ବଜାର ଖୋଲାଯାଇଥିବା ଦେଖିବାକୁ ମିଳିଥିଲା। ପରିଚାଳନା କମିଟି ତରଫରୁ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂଜା ଉତ୍ସବରେ ଶାନ୍ତି ଶୃଙ୍କଳାକୁ ଲକ୍ଷକରି ମାଦକ ଦ୍ରବ୍ୟ ସେବନ ଓ ବିକ୍ରୟ ଉପରେ କରାଯାଇଛଇ ବୋଲି ପରିଚାଳନା କମିଟିର ସମ୍ପାଦକ ଲକ୍ଷ୍ମଣ ଜାନୀ କହିଛନ୍ତି। ଅନ୍ୟପଟେ ବଡସିଲିଙ୍ଗା ପଞ୍ଚାୟତର ଅନେକ ଗ୍ରାମ ଦୁର୍ଗମ ଅଞ୍ଚଳରେ ରହୁଥିବାରୁ ରାଜସ୍ୱ ବିଭାଗର ଖଜଣା ଆଦାୟ କରିବା କଷ୍ଟସାଧ ହୋଇଥାଏ। ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ଲୋକମାନେ ଏହି ପୂଜା ଉତ୍ସବକୁ ଆସିଥାନ୍ତି। ରାଜସ୍ୱ ବିଭାଗର କର୍ମଚାରୀମାନେ ଉତ୍ସବରେ ଉପସ୍ଥିତ ରହି ରାଜସ୍ୱ ଖଜଣା ଆଦାୟ କରିବାରେ ସହଜ ହୋଇଥାଏ।

## ଗୋଳାପୋଖରୀ ଫୁଟବଲ, କଳିଙ୍ଗ ସ୍ପୋର୍ଟିଂ ସେମିରେ

ଭାପୁର, ୨୩।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଗୋଳାପୋଖରୀ ଆଞ୍ଚଳିକ ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ୩-୦ ଗୋଲରେ ନୟାଗଡ଼ ସ୍ପୋର୍ଟସ ହଷ୍ଟେଲକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ଦୁଇଟି ଓ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ ଦେଇ ଭୁବନେଶ୍ୱର ବିଜୟୀ ହୋଇଥିଲା। ଖେଳପରିଚାଳନା କରିଥିଲେ ବିଜୟ ମଙ୍ଗରାଜ ଓ ଲାଇନରେ ସହଯୋଗ କରିଥିଲେ ଆଲୋକ ଦେହୁରୀ ଓ ସୁବାଷ ଚନ୍ଦ୍ର ବେହେରା। ଚତୁର୍ଥ ରେଫରି ଭାବେ ପ୍ରଭାତ କୁମାର ପ୍ରଧାନ ଓ ଶରତ କୁମାର ମହାପାତ୍ର। କମେଣ୍ଟେଟର ଭାବେ ବିଜୟ କୁମାର ସାମନ୍ତରାୟ କାର୍ଯ୍ୟ ସମ୍ପାଦନ କରିଥିଲେ ଓ ଖେଳର ମୁଖ୍ୟ ଆୟୋଜକ ଥିଲେ ନିରଞ୍ଜନ ଦଳବେହେରା। ବୁଧବାର ଖେଳରେ ସ୍ପୋର୍ଟସ ଆକାଡେମୀ ଧର୍ମଶାଳା, ଯାଜପୁର ଓ ମା ଫୁଲବତୀ କ୍ଲବ, ଭୁବନେଶ୍ୱର ପରସ୍ପରକୁ ଭେଟିବେ।

● ଲେଙ୍କୁଡିପଡ଼ା ପଞ୍ଚାୟତରେ ୯୦ ଲକ୍ଷ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ

## ଶାନ୍ତି ପ୍ରତିଷ୍ଠା ହେଲେ ବିକାଶ ଆପେ ଆପେ ବୃଦ୍ଧି ପାଇବ

ନୟାଗଡ଼, ୨୩।୧(ସମିସ): ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ନୟାଗଡ଼ ବ୍ଲକ ଅନ୍ତର୍ଗତ ଲେଙ୍କୁଡିପଡ଼ା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ମୋଟ ୯୦ ଲକ୍ଷ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ୬୧ ଲକ୍ଷ ଟଙ୍କା ବ୍ୟୟରେ ରାଜସ୍ୱ ନିରିକ୍ଷକ



କାର୍ଯ୍ୟାଳୟ ଉଦ୍‌ଘାଟନ ହେବା ସହିତ ନୂଆସାହି ଭାଗବତଜୀଉ କୋଠ ଘର ୭ ଲକ୍ଷ ଟଙ୍କାରେ ଉଦ୍‌ଘାଟିତ ହୋଇଛି। ଏଥି ସହିତ ୩ ଲକ୍ଷ ୫୦ ହଜାର ଟଙ୍କାରେ ଆଜାଦ୍ ହିନ୍ଦ୍ କ୍ଲବ ନୂତନ ରୂପାନ୍ତରିତ ହୋଇଛି। ଲେଙ୍କୁଡିପଡ଼ାର ଶନିଶ୍ଚର ଗୋଷ୍ଠି କେନ୍ଦ୍ର ନିର୍ମାଣ ୨ ଲକ୍ଷ ୫୦ ହଜାର ଟଙ୍କାରେ ନିର୍ମିତ ହୋଇ ଉଦ୍‌ଘାଟିତ ହୋଇଛି। ଏଥି ସହିତ ୧୦ ଲକ୍ଷ ଟଙ୍କା ବ୍ୟୟରେ ଆମ ବ୍ୟାଙ୍କର ନୂତନ ଶାଖା ଖୋଲିଛି। ହରିଜନ ସାହି ଗୋଷ୍ଠି କେନ୍ଦ୍ର ନିମନ୍ତେ ଅର୍ଥ ଅନୁଦାନ କରାଯାଇ ଉକ୍ତ ଗୃହର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଡ. ସାହୁ ଶାନ୍ତି ପ୍ରତିଷ୍ଠା ହେଲେ ବିକାଶ ଆପେ ଆପେ ବୃଦ୍ଧି ପାଇବ ବୋଲି ପ୍ରକାଶ କରିଥିଲେ। ଯେଉଁଠି ଶାନ୍ତି ପ୍ରତିଷ୍ଠା ହୋଇଛି ପ୍ରଗତିର ଫୁଆର ସେଇଠି ଫୁଟିଛି ବୋଲି ଡ. ସାହୁ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗାଁଠୁ ସହର ସବୁଠି ବିକାଶର ଚିତ୍ର ଦେଖିବାକୁ ଚାହୁଁଛନ୍ତି। ସୁ ସଙ୍ଗଠିତ ହେଲେ ବିକାଶ ଆପେ ଆପେ ଗଢି ଉଠିବ ବୋଲି ଡ. ସାହୁ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ବ୍ଲକ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ସ୍ଥାନୀୟ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ସ୍ଥାନୀୟ ସରପଞ୍ଚ ଆନନ୍ଦ ଚନ୍ଦ୍ର ବେହେରା, ସମିତି ସଭ୍ୟା ପାୟଲ ବେହେରା, ସମାଜସେବୀ ମନୋଜ ନାୟକ, ସମାଜସେବୀ ଗୋପାଳ ନାୟକ, ସୌଦାମିନୀ ସ୍ୱାଇଁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

## ବାଲିଘାଟ ଗାତରେ ପଡ଼ି ନାବାଳକ ମୃତ

ନୟାଗଡ଼, ୨୩।୧(ସମିସ): ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ ଗଉଡପୁଟ ଗାଁ ନିକଟରେ ବହି ଯାଇଥିବା ଦୁଆଣ୍ଟ ନଦୀ ବାଲିଘାଟ ଗାତରେ ପଡ଼ି ଜଣେ ନାବାଳକର ମୃତ୍ୟୁ ଘଟିଛି। ନାବାଳକ ହେଲେ ଗଉଡପୁଟ ଗ୍ରାମ ଗୋଲାସାହିର ଲଡୁକେଶର ପାତ୍ରଙ୍କ ପୁଅ ସାଇରାମ ପାତ୍ର। ବୟସ ୧୦ ବର୍ଷ। ସାଇରାମ ଏବଂ ଅନ୍ୟ ଜଣେ ନାବାଳକ ନଦୀକୁ ଖେଳିବାକୁ ଯାଇଥିଲେ। ବାଲି ଖନନ ପାଇଁ ସେଠାରେ ଏକ ବଡ ଗାତ ସୃଷ୍ଟି ହୋଇ ପାଣି ଜମି ରହିଥିଲା। ଉଭୟ ନାବାଳକ ଉକ୍ତ ଗାତରେ ପଡ଼ି ଯାଇଥିବା ବେଳେ ଜଣେ ରକ୍ଷା ପାଇଥିଲେ। ସାଇରାମଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଡାକ୍ତରଖାନାରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପ୍ରସ୍ତାବରେ ଅଟକିଛି 'ଆମ ପୋଖରୀ' ଯୋଜନା

ନୟାଗଡ଼, ୨୩।୧(ସମିସ): ସହରାଞ୍ଚଳ ମଧ୍ୟରେ ରହିଥିବା ପୋଖରୀକୁ ପୁନରୁଦ୍ଧାର ପାଇଁ ସରକାର 'ଆମ ପୋଖରୀ' ଯୋଜନା କାର୍ଯ୍ୟକାରୀ କରିଛନ୍ତି। ନୟାଗଡ଼ ପୌରାଞ୍ଚଳର ୬ଟି ପୋଖରୀ ଏହି ଯୋଜନାରେ ସାମିଲ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଅନେକ ପୋଖରୀ ଗୁଡ଼ିକ ଅସ୍ୱଚ୍ଛ ହୋଇ ପଡ଼ିରହିଛି। ନୟାଗଡ଼ ସହରରେ ସାଗର ବନ୍ଧ, ବଳାଙ୍ଗୀ ବନ୍ଧ, ପେସ୍କାର ପୋଖରୀ, ରାମେଶ୍ୱର ପୋଖରୀ, ଦେୱାନ ବନ୍ଧ-୧, ଦେୱାନ ବନ୍ଧ-୨, ଗେଡ଼ସାହି ବନ୍ଧ, ପଟେଲ ବନ୍ଧ, ରତ୍ନପୁର ବନ୍ଧ ଓ ବେବର୍ତ୍ତାପଲ୍ଲୀ ପୋଖରୀ ରହିଛି। ମୋଟ ୧୦ଟି ପୋଖରୀ ରହିଥିବା ବେଳେ ରତ୍ନପୁର ବନ୍ଧ ଓ ବେବର୍ତ୍ତାପଲ୍ଲୀ ପୋଖରୀ ନୟାଗଡ଼ ବ୍ଲକ ଅଧିନରେ ରହିଛି। ପୌରପରିଷଦ ଅଧିନରେ ୮ଟି ପୋଖରୀ ରହିଛି। ସେଥିମଧ୍ୟରୁ ୬ଟି ପୋଖରୀ 'ଆମ ପୋଖରୀ' ଯୋଜନାରେ ସାମିଲ ହୋଇଥିବା ବେଳେ ୫ ବର୍ଷ ଧରି ବଳାଙ୍ଗୀ ବନ୍ଧ ସ୍ୱତନ୍ତ୍ର ଭାବେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲୁ ରହିଛି। ସେହିଭଳି ପୁରୁଣା ସହରରେ ରହିଥିବା ବହୁ ପୁରାତନ ସାଗର ପୋଖରୀକୁ ଆଦର୍ଶ ପୋଖରୀ ଭାବେ ରୂପ ଦେବା ନେଇ ପୌରପରିଷଦ ଲକ୍ଷ୍ୟ ରଖିଛି। ଉକ୍ତ ପୋଖରୀର ଚାରିପଟ ହୁଡ଼ାକୁ ପ୍ରାକୃତିକ ଭାବେ ମାଟିରେ ଥାକ ଥାକ କରି ପାଣିକୁ ସ୍ୱଚ୍ଛ କରୁଥିବା ଏକ ଗଛ ବାହାର ରାଜ୍ୟରୁ ଅଣାଯିବ। ବର୍ଷା ହେଲେ ପାଣି ହୁଡ଼ାରୁ ତଳକୁ ଖସିଲା ବେଳେ ହୁଡ଼ାରେ ଲାଗିଥିବା ସେହି ଗଛ ପାଣିକୁ ସ୍ୱଚ୍ଛ କରିବ। ଏଭଳି ଭାବେ ପୋଖରୀର ପୁନରୁଦ୍ଧାର କରାଯିବ ବୋଲି ଯୋଜନା ରହିଛି। ସହରାଞ୍ଚଳରେ ରହିଥିବା ପୋଖରୀ ଗୁଡ଼ିକର ପୁନରୁଦ୍ଧାର ପାଇଁ ଚଳିତ ଜୁଲାଇ ୬ ତାରିଖରେ



ମୁଖ୍ୟମନ୍ତ୍ରୀ ଆମ ପୋଖରୀ ଯୋଜନାର ଶୁଭାରମ୍ଭ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ପୌରପରିଷଦ ପକ୍ଷରୁ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିଛି। ଫଳରେ ପୋଖରୀ ଗୁଡ଼ିକ ଏବେ ଆର୍ବଜନା ଓ ଦଳରେ ଭର୍ତ୍ତି ହେବାକୁ ଲାଗିଲାଣି। ୬ଟି ପୋଖରୀର ପୁନରୁଦ୍ଧାର କେବେ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବଡ଼ସିଲିଙ୍ଗା ସେବାଶ୍ରମ ବିଦ୍ୟାଳୟ

# ଶ୍ରେଣୀଗୃହ, ଶିକ୍ଷକ, କ୍ୱାର୍ଟର, ପାଚେରି ସମସ୍ୟା ଜଟିଳ

ଗଣିଆ, ୨୩।୧(ସମିସ): ଅନୁସୂଚିତ ଜାତି ଓ ଜନଜାତିର ପିଲାଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ପାଇଁ ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକରେ ଆଶ୍ରମ ବିଦ୍ୟାଳୟ




ମାନ ଖୋଲାଯାଇଛି। ଏଥିସହ ଛାତ୍ରଛାତ୍ରୀଙ୍କୁ ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ମାଗଣାରେ ରହଣି ପାଇଁ ଛାତ୍ରାବାସ ବ୍ୟବସ୍ଥା, ଭୋଜନ, ପୋଷାକ, ପାଠ୍ୟ ଉପକରଣ, ଜୋତା ଆଦି ଆନୁସଙ୍ଗିକ ବ୍ୟବସ୍ଥା ଦିଗରେ ସରକାର ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ପ୍ରକାର ସମସ୍ୟା ଲାଗି ରହିଥିବା ଦେଖିବାକୁ ମିଳୁଛି। ଏପରି ସ୍ଥଳେ ଗଣିଆ ବ୍ଲକ ଆଦିବାସୀ ପ୍ରବଣ ଇଲାକା ବଡ଼ଶିଲିଙ୍ଗା ପଞ୍ଚାୟତ ବଡ଼ଶିଲିଙ୍ଗାଠାରେ ଥିବା ଆଶ୍ରମ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ଏହିଭଳି ବହୁ ସମସ୍ୟା ଲାଗି ରହିଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ କୌଣସି ସୁଫଳ ମିଳୁନଥିବା ଲୋକେ ଅଭିଯୋଗ କରିଛନ୍ତି।

ବଣଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ବଡ଼ଶିଲିଙ୍ଗା ପଞ୍ଚାୟତ ଅନୁସୂଚିତ ଜାତି ଓ ଜନଜାତିର ପିଲାଙ୍କୁ ପାଠ ପଢ଼ାଇବା ପାଇଁ ୧୯୫୨ ମସିହାରେ ଏହି ସେବାଶ୍ରମ ବିଦ୍ୟାଳୟ ଖୋଲା ଯାଇଥିଲା। ପରବର୍ତ୍ତୀ ସମୟରେ ୧୯୮୪ ମସିହାରେ ଏହାକୁ ଆଶ୍ରମ ବିଦ୍ୟାଳୟରେ ରୂପାନ୍ତରିତ କରାଯାଇ ବାଳକଙ୍କ ରହଣି ପାଇଁ ଛାତ୍ରାବାସ ନିର୍ମାଣ କରାଯାଇଥିଲା। ଏହି ବିଦ୍ୟାଳୟରେ ୨୦୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୧୭୬ ଜଣ ଛାତ୍ରାବାସରେ ରହୁଛନ୍ତି। ଏହି ବିଦ୍ୟାଳୟରେ ୮ଟି ଶ୍ରେଣୀକୁ ପ୍ରଧାନଶିକ୍ଷକଙ୍କୁ ବାଦ୍‌ଦେଇ ମାତ୍ର ଜଣେ ନିୟମିତ ଶିକ୍ଷୟିତ୍ରୀ ପାଠ ପଢ଼ାଉଥିବା ବେଳେ ଅନ୍ୟ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିପରି ଗତ ୯ ବର୍ଷ ଧରି ଏହି ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀ ଖୋଲାଯାଇଛି। ଉଭୟ ଶ୍ରେଣୀରେ ୪୯ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ପାଠ ପଢୁଥିବା ବେଳେ ଏହି ଶ୍ରେଣୀ ପାଇଁ ଆବଶ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ଥିବା ସୂଚନା ମିଳିଛି। ସେହିପରି ଆଶ୍ରମ ବିଦ୍ୟାଳୟର ଚାରି ପାଖରେ ଥିବା ପାଚେରି ଦୀର୍ଘଦିନ ହେଲା ଭାଙ୍ଗି ଯାଇଥିବାରୁ ହଷ୍ଟେଲ ପରିସର ମୁକୁଳା ହୋଇପଡ଼ିଛି। ଫଳରେ ପରିସରରେ ଗାଈଗୋରୁ ପଶି ବିଦ୍ୟାଳୟର ସବୁଜ ପରିବେଶକୁ ନଷ୍ଟ କରୁଥିବା ସହିତ ଅନ୍ତେବାସୀମାନେ ନିଜକୁ ସୁରକ୍ଷିତ ମନେ କରୁନଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ଥିବାବେଳେ ପାଚେରି ନଥିବାରୁ ଅନେକ ସମୟରେ ଏହି ପରିସରକୁ ବନ୍ୟଜନ୍ତୁ ପଶି ଆସିବାର ଭୟ ମଧ୍ୟ ରହିଛି। ଏହି ପାଚେରି ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ସମ୍ପୃକ୍ତ ଠିକାଦାର ନିର୍ମାଣ କାର୍ଯ୍ୟକୁ ଜାଣିଶୁଣି ବିଳମ୍ବ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଦୂର ଦୂରାନ୍ତରରୁ ଏଠାରେ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଷ୍ଟାଫ୍ କ୍ୱାର୍ଟର ନଥିବାରୁ ବହୁ ଅସୁବିଧାରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ପରିସର ମଧ୍ୟରେ ରହୁଛନ୍ତି। ଗତବର୍ଷ ନୂତନ ଷ୍ଟାଫ କ୍ୱାର୍ଟର ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ସେହି ସମୟରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ନିଜେ ନିମ୍ନମାନର କାର୍ଯ୍ୟ କରିଥିବାରୁ ତଳ ବିମ୍ ଓ ନିଅଁ ଫାଟି ନଷ୍ଟ ହୋଇଯାଇଛି। ଫଳରେ ସେହି ସ୍ଥାନରେ ନୂତନ ଗୃହ ନିର୍ମାଣ ହେବା ଅସମ୍ଭବ ବୋଲି ଜଣାପଡ଼ିଛି। ଅନ୍ୟପରି ବିଦ୍ୟାଳୟର ଅନ୍ତେବାସୀଙ୍କ ରୋଷେଇ ପାଇଁ ରୋଷେଇ ଘର ନଥିବାରୁ ଏକ ଭଙ୍ଗା ଘରେ ରୋଷେଇ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ବିଶେଷ କରି ଛାତ୍ରଛାତ୍ରୀମାନେ ଖାଇବା ପାଇଁ ଡାଇନିଂ ହଲ୍ ନଥିବାରୁ ଖରା ଓ ବର୍ଷା ଦିନେ ଖାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ସେବାଶ୍ରମ ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟାଗୁଡ଼ିକ ସମାଧାନ ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଜିଲ୍ଲାପାଳ,



ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସମସ୍ୟା ଘେରରେ ବେଗୁନିଆ ତହସିଲ କାର୍ଯ୍ୟାଳୟ

ଖୋର୍ଦ୍ଧା/ବେଗୁନିଆ, ୨୩ା୧(ସମିସ)




## ତହସିଲଦାରଙ୍କ ପଦବୀ ଡେପୁଟେସନରେ ପରିଣତ

## ୫ଟି ଆର୍‌ଆଇ କାର୍ଯ୍ୟାଳୟରେ ଏଆର୍‌ଆଇ ନାହାନ୍ତ

ସମସ୍ୟା ଘେରରେ ରହିଛି ବେଗୁନିଆ ତହସିଲ କାର୍ଯ୍ୟାଳୟ। ଏଠାରେ ଥିବା ଅତିରିକ୍ତ ତହସିଲଦାରଙ୍କ ପଦବୀ ଏକ ପ୍ରକାର ଡେପୁଟେସନରେ ପରିଣତ ହୋଇ ଯାଇଛି।ପୂର୍ବରୁ ଏଠାରେ ଅତିରିକ୍ତ ତହସିଲଦାର ଭାବେ ନିଯୁକ୍ତି ପାଇଥିବା ମମତା ଦାସ ଏଠାରେ ୩/୪ମାସ କାର୍ଯ୍ୟ କରିବା ପରେ ଟାଙ୍ଗୀ ତହସିଲକୁ ଡେପୁଟେସନରେ ଜିଲ୍ଲାପାଳ ନେଇଯାଇଛନ୍ତି। ଏପରିକି ଏଠାରେ ତହସିଲଦାର ଓ ଅତିରିକ୍ତ ତହସିଲଦାର ପଦବୀ ଖାଲି ପଡ଼ିଲା ପରେ ବୋଲଗଡ଼ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ଦାୟିତ୍ୱ ଦେଇଥିଲେ, କିନ୍ତୁ ମମତା ଦାସ ଙ୍କୁ ସେଠାରୁ ଫେରାଇ ଆଣି ନଥିଲେ। ଡେପୁଟେସନରେ ରହି ବଦଳି ହୋଇ ଯାଇଛନ୍ତି।ଏବେ ତାଙ୍କ ପରେ ରଣପୁରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିବା ନିହାର ରଞ୍ଜନ ବେହେରାଙ୍କୁ ବେଗୁନିଆର ଅତିରିକ୍ତ ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଗତ ଅକ୍ଟୋବର ୨୫ତାରିଖରେ ଜିଲ୍ଲା କାର୍ଯ୍ୟାଳୟରେ ଯୋଗ ଦେବା ପରେ ସେହିଦିନ ଠାରୁ ଡେପୁଟେସନରେ ଟାଙ୍ଗୀ ତହସିଲକୁ ଅତିରିକ୍ତ ତହସିଲଦାର ଓ ସବରେଜିଷ୍ଟ୍ରାର ଦାୟିତ୍ୱ ଦେଇଥିବାରୁ ଲୋକମାନେ ହଇରାଣ ହେଉଛନ୍ତି। କାରଣ ଜଣେ ଅଧିକାରୀ ନିଯୁକ୍ତି ପାଇ ଟାଙ୍ଗୀରେ କାମ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତ୍ତମାନ ତହସିଲଦାର ବିଭିନ୍ନ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ କାର୍ଯ୍ୟାଳୟରେ ଲୋକମାନଙ୍କର କାର୍ଯ୍ୟ କରିବାରେ ଅସୁବିଧା ଦେଖାଦେଉଛି।

ପ୍ରକାଶ ଥାଉକି, ବେଗୁନିଆ ତହସିଲ ଅଧିନରେ ୧୭୩ଟି ରାଜସ୍ୱ ଗ୍ରାମ ଥିବାବେଳେ ୪ଟି ଆରଆଇ ସର୍କଲ ରହିଥିଲା। ରାଜସ୍ୱ ଗ୍ରାମ ଓ ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ସରକାର ୩ଟି ଆର ଆଇ ସର୍କଲ ରାଉତପଡ଼ା, ଡାଲତୋଳା ଓ ବୋତଲମାରେ ଖୋଲାଯାଇଛି। ଡାଲତୋଳା ଓ ରାଉତପଡ଼ାରେ ଆରଆଇ କାର୍ଯ୍ୟାଳୟ ନଥିବା ଯୋଗୁଁ ରାଉତପଡ଼ା ଆରଆଇ ବେଗୁନିଆରେ, ଡାଲତୋଳା ଆରଆଇ ବାଘମାରୀରେ ଓ ବୋତଲମା ଆରଆଇ ସିକୋ ଆରଆଇଙ୍କ କାର୍ଯ୍ୟାଳୟରେ ବସୁଛନ୍ତି। ବୋତଲମାରେ ଦୀର୍ଘ ଦୁଇ ବର୍ଷ ହେବ ନୂତନ ଆରଆଇ କାର୍ଯ୍ୟାଳୟ ନିର୍ମାଣ ଚାଲିଥିବାବେଳେ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରୁ ନ ଥିବାରୁ ଅନ୍ୟ ଦୁଇଟି କାର୍ଯ୍ୟାଳୟର ସ୍ଥାନ ନିରୂପଣ ହୋଇଥିଲେ ମଧ୍ୟ ଘର କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଜନସଂଖ୍ୟା ଓ ରାଜସ୍ୱ ଗ୍ରାମ ଅଧିକ ଥିବା ଦୃଷ୍ଟିରୁ ୩ଟି ଆରଆଇ ସର୍କଲ କାଗଜପତ୍ରରେ ଖୋଲାଯିବା ପରେ ଲୋକମାନେ ପୂର୍ବ ସ୍ଥାନକୁ ଧାଇଁବା ସାର ହୋଇଥିବାବେଳେ ଅତିରିକ୍ତ ତହସିଲଦାରଙ୍କୁ ଡେପୁଟେସନରେ ଅନ୍ୟ ଜାଗାକୁ ପଠାଇ ଦିଆଯାଉଛି। ଏହା ସହିତ କାର୍ଯ୍ୟାଳୟରେ ୨ଜଣ ଡାଟା ଏଣ୍ଟ୍ରି ଅପରେଟର ଓ ଜଣେ ଜୁନିଅର କ୍ଲର୍କ ନାହାନ୍ତି। ବେଗୁନିଆ ଓ ବାଘମାରୀ ଆରଆଇ କାର୍ଯ୍ୟାଳୟକୁ ଛାଡିଦେଲେ ଅନ୍ୟ ୫ଟି ଆରଆଇ କାର୍ଯ୍ୟାଳୟରେ ଏଆରଆଇ ନାହାନ୍ତି। ଆରଆଇ କାର୍ଯ୍ୟାଳୟ କେବଳ ଆରଆଇଙ୍କୁ ନେଇ ଚାଲିଥିବା ବେଳେ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଯୋଗୁଁ ଲୋକମାନେ କାର୍ଯ୍ୟାଳୟରେ କାହାରିକୁ ଦେଖାପାଉ ନାହାଁନ୍ତି। ଫଳରେ ଲୋକମାନେ କାର୍ଯ୍ୟକ୍ଷେତ୍ରରେ ବହୁ ହଇରାଣ ହରକତ ହେଉଛନ୍ତି। ପିଅନ ୪/୫ଜଣ ଜାଗାରେ ଜଣେ ପିଅନ ରହିଥିବା ବେଳେ କାର୍ଯ୍ୟାଳୟରେ ରାତ୍ର ଜଗୁଆଳି ମଧ୍ୟ ନାହିଁ। ପ୍ରସେସ ସର୍ଭେୟର ପଦବୀଟି ଦୀର୍ଘ ବର୍ଷ ହେବ ଖାଲି ପଡ଼ିଥିବା ଯୋଗୁଁ ନୋଟିସ ଗୁଡିକ ବାଣ୍ଟିବାରେ ଅସୁବିଧା ଦେଖା ଦେଉଛି।

କୌଣସି ଆରଆଇ କାର୍ଯ୍ୟାଳୟରେ ଅମିନ ନଥିବା ଯୋଗୁଁ ଡିମାରକେସନ ଠାରୁ ଆରମ୍ଭ କରି ଜମି ଜମା ମାପଚୁପ କ୍ଷେତ୍ରରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ତହସିଲଦାର ତାପସ ବିଶିଙ୍କୁ ପଚାରିବାରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି ଖୁବ ଶୀଘ୍ର ସବୁ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି।

# ନେତାଜୀ ଏବଂ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ



**ନିରାକାରପୁର, ୨୩ା୧(ସମିସ):** ନିରାକାରପୁର ପଞ୍ଚାୟତ ଓ କଲେଜ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ନେତା ବିପିନ କୁମାର ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଓ ସରପଞ୍ଚ କାଦମ୍ବିନୀ ବେହେରା ସ୍ଥାନୀୟ କଲେଜ ଛକସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କଲେଜର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରଛାତ୍ରୀମାନେ ଅଭିଭାଦନ ଗ୍ରହଣ କରିଥିଲେ। ଆଜାଦ ହିନ୍ଦ୍ ଫୌଜ ଗଠନ କରି ଭାରତୀୟଙ୍କୁ ସ୍ୱାଧୀନ ଚେତା କରିବା ସହ ଦେଶର ସ୍ୱାଧୀନତା ସଂଗ୍ରାମକୁ ଏକ ସଫଳ ଦିଗନ୍ତ ଦେଖାଇଥିବା ନେତାଜୀ ଜାତି ପାଇଁ ସ୍ମରଣୀୟ ଓ ବରଣୀୟ ହୋଇ ରହିଥିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିଶେଷରେ ପଞ୍ଚାୟତ ନିର୍ବାହୀଅଧିକାରୀ ସଞ୍ଜିପ କୁମାର ପାଇକରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ପଞ୍ଚାୟତ କର୍ମଚାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ଜନ୍ମେଜୟ ପାଇକରାୟ ଓ ଦ୍ୱାରିକା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ନିରାକାରପୁର ନେତାଜୀ ପବ୍ଲିକ ସ୍କୁଲ, କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରମୁଖରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି।

**ଖୋର୍ଦ୍ଧା, ୨୩ା୧(ସମିସ):** ମହାନ ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉତ୍ସବ ମହାପୁରୁଷ ସ୍ମୃତି ଚାରଣ ପରିଷଦ ପକ୍ଷରୁ ସ୍ଥାନୀୟ ଗୀତାଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈକୁଣ୍ଠ ନାଥ ରାଜଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ଶିକ୍ଷାବଞ୍ଚାଅ କମିଟିର ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସମଗ୍ର ଭାରତବର୍ଷର ଏକ ଉତ୍ତୁଙ୍ଗ ରାଜନୈତିକ ଆଦର୍ଶର ଅଗ୍ନିସ୍ଫୁଲିଙ୍ଗ ଥିଲେ ନେତାଜୀ। ଅନ୍ୟତମ ଅତିଥିଭାବେ ଐତିହାସିକ ଜର୍ଣ୍ଣାଲର ପ୍ରତିଷ୍ଠାତା



ସମ୍ବିତ୍ ପଟ୍ଟନାୟକ, ବିଶିଷ୍ଟ କବି ଜ୍ଞାନରଞ୍ଜନ ଦାଶ ଓ ପରିଷଦର ଉପସଭାପତି ଡ଼. ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇ ସୁବାଷ ବୋଷ ଥିଲେ ସାଲିସ ବିହୀନ ସଂଗ୍ରାମୀ। ଡ଼.ନୀଳାଦ୍ରିନାଥ ଜଗଦ୍ଦେବ, ଅଧିବକ୍ତା ବିକ୍ରମ କେଶରୀ ଚମ୍ପତି ଓ କବୟିତ୍ରୀ କବିତା ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ ସଂଖ୍ୟାରେ କବି ନେତାଜୀଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଉତ୍ସବ ଉପଲକ୍ଷେ ଖୋର୍ଦ୍ଧାର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସମ୍ପାଦକ ଜୟନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ବୋଲଗଡ଼, ୨୩ା୧(ସମିସ):** ବୋଲଗଡ଼ ସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତୀ ପାଳିତ ହୋଇଛି। ଏହି ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ମୁକ୍ତି ସଂଗ୍ରାମର ଅବିସ୍ମରଣୀୟ ଯୋଦ୍ଧା ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ତାଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ, ଧୂପ ଦେଇ ଜୀବନୀ ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ



ଶିକ୍ଷାବିତ ଗୋପୀନାଥ ଖଡେଙ୍ଗା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ ଶିକ୍ଷାବିତ ହରିବନ୍ଧୁ ସାହୁ ମୁଖ୍ୟ ବକ୍ତା ଭାବେ ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ରଘୁନାଥ ଦଳବେହେରା, ପ୍ରଫୁଲ୍ଲ ମହାପାତ୍ର, ରଘୁନାଥ ଦଳବେହେରା, ଭକ୍ତ ବଲ୍ଲଭ ପଟନାୟକ, ରାଧାଶ୍ୟାମ ରାୟଗୁରୁମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଆମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ଦିବାକର ପରମଗୁରୁ, ସତ୍ୟନାରାୟଣ ଦାଶ, ପରମାନନ୍ଦ ମହାରଣା ଅଶୋକ କୁମାର ଦତ, ସତ୍ୟନାରାୟଣ ରଥ, ବସନ୍ତ ମଞ୍ଜରୀ ପରମଗୁରୁ, ବୈକୁଣ୍ଠ ମହାରଣା, ଲଛମନ ପରିଡ଼ା, ସେବତୀ ପରିଡ଼ା, ଅର୍ଜୁନ ପ୍ରଧାନ, ଭାସ୍କର ପ୍ରଧାନ ଓ ପୁର୍ଣ୍ଣଚନ୍ଦ୍ର ସିଂହ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

**ଖୋର୍ଦ୍ଧା, ୨୩ା୧(ସମିସ):** ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ପାଠ୍ୟ ପ୍ରଶାସକ ଚିତରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଅଧ୍ୟକ୍ଷା ଦିପ୍ତିମୟୀ ମହାନ୍ତି ଓ ପ୍ରତିଷ୍ଠାତା ଡା.ନନ୍ଦକିଶୋର ପଟ୍ଟନାୟକ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର



ବୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନେତାଜୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତିକା ସଙ୍ଗୀତ ଗାନ କରାଯାଇଥିଲା। ଏକାଦଶ ଶ୍ରେଣୀର ସବ୍ୟସାଚୀ ଓ ଉର୍ମିମୁକ୍ତା ନେତାଜୀଙ୍କ ବୀର ଗାଥା ଉପରେ ଅଭିଭାଷଣ ଦେଇଥିଲେ।ଏକାଦଶ ଶ୍ରେଣୀର ଛାତ୍ରୀ ପ୍ରାଚୀ ପଣ୍ଡା କାର୍ଯ୍ୟକ୍ରମଟିକୁ ପରିଚାଳନା କରି ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଲୁଗାଁ, ୨୩ା୧(ସମିସ):** ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମିଳିତ ଆନୁକୂଲ୍ୟରେ ପରାକ୍ରମ ଦିବସ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ କଳ୍ପନା ଦାସ ଙ୍କ ତତ୍ତ୍ୱାବଧାନରେ ଏନ୍‌ଏସଏସ ସ୍ୱେଚ୍ଛାସେବୀ ଓ ଏନ୍‌ସି.ସି କ୍ୟାଡେଟ ମିଳିତ ଭାବରେ ବାଲୁଗାଁ କଲେଜ ରୋଡ ସ୍ଥିତ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ପାଟଯୋଷୀ, ଶିକ୍ଷୟିତ୍ରୀ ସଂଯୁକ୍ତାରାଣୀ ପଟ୍ଟନାୟକ, ଇତିଶ୍ରୀ ସେଠୀ ଓ ବିଷ୍ଣୁପ୍ରିୟା ବାରିକ ପ୍ରମୁଖ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ବୀର ଗାଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମସ୍ତେ କାର୍ଯ୍ୟକ୍ରମ କୁ ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡଃ ଲକ୍ଷ୍ମୀଧର ସୁବୁଦ୍ଧି ଓ ରୀନା ରାଉତ, ଏନ୍.ସି.ସି ଅଧିକାରୀ ଡଃ ଅକ୍ଷୟ କୁମାର ମିଶ୍ର, ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଆଦି ପରିଚାଳନା କରିଥିଲେ। ସଂଗ୍ରାମ କେଶରୀ ବେହେରା, ଦେବରାଜ ମହାପାତ୍ର, ଅନିଲ ପ୍ରଧାନ, ସନ୍ଧ୍ୟାରାଣୀ ବେହେରା, କାର୍ତ୍ତିକେଶ୍ୱର ଜେନା, ସଞ୍ଚିତା ନାୟକ, ରଶ୍ମି ରେଖା ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



# ଜୁସ୍ ଦୋକାନରେ ଅଗ୍ନିକାଣ୍ଡ

**ଖୋର୍ଦ୍ଧା, ୨୩ା୧(ସମିସ):** ସ୍ଥାନୀୟ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ନିକଟରେ ଥିବା ଏକ ଜୁସ ଦୋକାନରେ ସୋମବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଖବର ପାଇ ଅଗ୍ନିସମ ବିଭାଗ ପହଁଞ୍ଚ଼ିଚ ନିଆଁକୁ ଆୟତ କରିଥିଲା। ସୂଚନା ଅନୁସାରେ, ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ନିକଟରେ ରଞ୍ଜନ ପୃଷ୍ଟିଙ୍କର ଏକ ପୃଷ୍ଟି ଜୁସ ସେଣ୍ଟର ରହିଛି। ସବୁଦିନ ପରି ଗତକାଲି ରାତିରେ ଦୋକାନ ବନ୍ଦ କରି ସେ ଘରକୁ ଯାଇଥିଲେ। ମାତ୍ର ରାତି ଅଧରେ ଦୋକାନ ଜଳୁଥିବା ପାଟ୍ରୋଲିଂରେ ଥିବା ପୁଲିସ ଦେଖିଥିଲେ। ଏନେଇ ଦୋକାନୀକୁ ଖବର କରିବା ସହ ଏସଆଇ ବିନାୟକ ମନ୍ତ୍ରୀ ଅଗ୍ନିସମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଁଞ୍ଚ଼ିଚ ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନଥିଲେ ବି ବିଦ୍ୟୁତ୍ ସର୍ଟସର୍କିଟ ହୋଇଥିବା ଅଗ୍ନିଶମ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅଗ୍ନିକାଣ୍ଡରେ ରଞ୍ଜନଙ୍କ ଦୁଇଟି ଫ୍ରିଜର ସମେତ ଲକ୍ଷାଧିକ ମୂଲ୍ୟର ଆସବାବପତ୍ର ନଷ୍ଟ ହୋଇଥିବା ଜଣାଯାଇଛି।



# ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



**ଜଟଣୀ, ୨୩ା୧(ସମିସ):** ଜଟଣୀ ପୌରପରିଷଦର ପୂର୍ବତନ ପୌର ସଭ୍ୟ ସ୍ୱର୍ଗତ ଶୁଭେନ୍ଦୁ ପରିଜାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜଟଣୀ ନାଗରିକ କମିଟି ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ପୋଷ୍ଟ ଅଫିସ ନିକଟସ୍ଥ ମୋ ଜଟଣୀ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୁରେଶ କୁମାର ରାଉତରାୟ ଶିବିରକୁ ଉଦଘାଟନ କରିଥିଲେ। ଭୁବନେଶ୍ୱର ସମଅଲ୍ଟିମେଟ ହସ୍ପିଟାଲର ଶ୍ୱାସ, ଭେଷଜ ଓ ଚର୍ମ ରୋଗ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ମାଗଣାରେ ଚିକିତ୍ସା କରାଯାଇଥିବା ବେଳେ ନାଗରିକ କମିଟି ପକ୍ଷରୁ ଔଷଧ ଯୋଗାଇ ଦିଆଯାଇଥିଲା।ଶିବିର କ୍ୟାପଟେନ୍ ମନ୍ମଥ ରାଉତରାୟଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। କଳିଙ୍ଗ କୁମାର ସାହୁ, ସୁଲୁ ରଥ, ସଂକେତ ପାଟଶାଣି, ଲୁସେନ ରାୟ, ନୌସର ଅଲ୍ଲୀ, ସଂଗ୍ରାମ ଶାସମଲ, ଜି ଶ୍ରୀନୁ, ସାବିତ୍ରୀ ରେଡି, ସସ୍ମିତା ବଳିୟାରସିଂ, ସ୍ମୃତି ପ୍ରକାଶ ସାହୁ, ଲୁଲୁ ବଡ଼ଜେନା, ସୂର୍ଯ୍ୟକାନ୍ତ ବଳିୟାରସିଂ, କ୍ଷିତୀଶ ପାହାଡ଼ସିଂହ, ବୃନ୍ଦାବନ ସାହୁ, ସୁନୀଲ କୁମାର ରାଉତରାୟ, ସଞ୍ଜୟ ଜେନା, ଗଟେଶ୍ୱର ବେହେରା ଓ ଦିଲ୍ଲୀପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇବ ଆଞ୍ଚଳିକ ବିଦ୍ୟୁତ୍ କ୍ରିୟାନୁଷ୍ଠାନ କମିଟି



ନିରାକାରପୁର, ୨୩ା୧(ସମିସ)

ନିରାକାରପୁର ସ୍ଥିତ ରାମମନ୍ଦିର ଠାରେ ଆଞ୍ଚଳିକ ବିଦ୍ୟୁତ କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟା ସିଂ ଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିପିନ କୁମାର ଜୟସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ୧୨ଟି ପଞ୍ଚାୟତର ଜନପ୍ରତିନିଧି ଓ ସ୍ଥାନୀୟ ଅଞ୍ଚଳର ଉପଭୋକ୍ତାଙ୍କ ଉପସ୍ଥିତିରେ ଟାଟା ପାୱାରର ମନମୁଖୀ କାର୍ଯ୍ୟ ପାଇଁ ବୈଠକ ରେ ଆଲୋଚନା ହୋଇଯାଇଛି। ପୂର୍ବରୁ ବିଭିନ୍ନ ସମସ୍ୟାକୁ ନେଇ ବିଦ୍ୟୁତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଦାବିପତ୍ର ଦିଆଯିବା ସହ ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଦାବିପତ୍ର ଦେବା ସତ୍ୱେ ଏହା ବିଦ୍ୟୁତ୍ ବିଭାଗ ଉପରେ କୌଣସି ପ୍ରଭାବ ପଡୁନଥିବା ଆଲୋଚନା ହୋଇଯାଇଛି। ମଙ୍ଗଳବାରଦିନ ଆଞ୍ଚଳିକ ବିଦ୍ୟୁତ୍ କ୍ରିୟାନୁଷ୍ଠାନ କମିଟିର ସମସ୍ତ କର୍ମକର୍ତ୍ତା ଆଲୋଚନା କରି ନିଷ୍ପତି ନେଇଛନ୍ତି। ଆସନ୍ତା ୩୧ ତାରିଖ ନିରାକାରପୁର ଗଣେଶ ପଡ଼ିଆରେ ଏକତ୍ରିତ ହୋଇ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ନିରାକାରପୁର ପୂର୍ବତନ ସରପଞ୍ଚ ହୃଷିକେଷ ରାଉତରାୟ, ବିଧୁଭୂଷଣ ମହାରଣାଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଚିଲିକା ଓକିଲ ସଂଘର ବାର୍ଷିକ ଉତ୍ସବ

**ନାଚୁଣୀ, ୨୩ା୧ (ସମିସ):** ଚିଲିକା ବ୍ଲକର ଗଙ୍ଗାଧରପୁର ସ୍ଥିତ ଚିଲିକା ଜୁଡିସିଆଲ କୋର୍ଟ ପରିସରସ୍ଥ ଚିଲିକା ଓକିଲ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଆଡଭୋକେଟ ଖଗେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ତଥା ସମ୍ପାଦକ ଆଡଭୋକେଟ ଦେବାଶିଷ ରଥଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଣପୁର ବିଚାରବିଭାଗୀୟ ଅଦାଲତର( ସିଭିଲ ଜଜ୍ ସିନିଅର ଡ଼ିଭିଜନ) ବିଚାରପତି ମନୋରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଭାବେ ଚିଲିକା ଜୁଡିସିଆଲ କୋର୍ଟର ବିଚାରପତି ବିକାଶ ଗୋଏଲ, ସମ୍ମାନିତ ଅତିଥି ଭାବେ ବାର କାଉନସିଲ ଅଫ୍ ଇଣ୍ଡିଆ ର ସଭ୍ୟ ଆଡଭୋକେଟ ଭକ୍ତ ଭୂଷଣ ବାରିକ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଆଇନଜୀବୀମାନେ କମ୍ପ୍ୟୁଟରରେ ବୈଷୟିକ ଜ୍ଞାନ ରଖି ସମୟୋପଯୋଗୀ ଆଇନର ତର୍ଜମା କରି ଆଇନ ସେବାରେ ସର୍ବଦା ଉତ୍ସର୍ଗୀକୃତ ମନୋଭାବ ପୋଷଣ କରି ଅସହାୟଙ୍କୁ ଆଇନ ସହାୟତା ଯୋଗାଇ ଦେବାକୁ ମୁଖ୍ୟଅତିଥି ବିଚାରପତି ଶ୍ରୀ ମିଶ୍ର ମତ ରଖିଥିଲେ। ଆଇନଜୀବୀ ମାନେ ଆଇନର ବିଭିନ୍ନ ଦିଗ ତର୍ଜମା କରି ନିୟମିତ ଆଇନ ବହି ଉପରେ ଧ୍ୟାନ ଦେଇ ନିଜ ଆଇନ ପେଶାରେ ସ୍ୱୟଂ ସିଦ୍ଧହସ୍ତ ହେବାକୁ ମୁଖ୍ୟବକ୍ତା ବିଚାରପତି ଶ୍ରୀ ଗୋଏଲ ମତ ରଖିଥିଲେ।ସ୍ୱାଗତ ଭାଷଣ ସହିତ ସଭା ପରିଚାଳନାରେ ଚିଲିକା ଓକିଲ ସଂଘର ପ୍ରାକ୍ତନ ସମ୍ପାଦକ ପ୍ରଦୋଷ କୁମାର ଦାସ ସହଯୋଗ କରିଥିଲେ।

ସଂଘର ଉପ ସଭାପତି ଆଡଭୋକେଟ ଚିତ୍ରସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁନି କୁନି ନୃତ୍ୟ କଳାକାରଙ୍କୁ ଅତିଥିମାନେ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ନାଚୁଣୀ ସ୍ଥିତ ଉତ୍କଳିକା ସଙ୍ଗୀତ ଏକାଡେମୀର କଳାକାରମାନଙ୍କ ପକ୍ଷରୁ ଗୁରୁ ବିଜୟଲକ୍ଷ୍ମୀ ବଳିଆର ସିଂହଙ୍କ ନିର୍ଦ୍ଦେଶନାରେ ଓଡ଼ଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ଚିଲିକା ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଟାଙ୍ଗୀ, ବାଣପୁର ତଥା ଖୋର୍ଦ୍ଧା ଓକିଲ ସଂଘର ଆଇନଜୀବୀମାନଙ୍କ ସମେତ ଚିଲିକା କୋର୍ଟର କର୍ମଚାରୀ ପ୍ରମୁଖ ଉପସ୍ଥିତଥିଲେ।

# ଚିଲିକା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଜନଶୁଣାଣି

ବାଲୁଗାଁ, ୨୩ା୧(ସମିସ): ଖୋର୍ଦ୍ଧା ଜିଲ୍ଲା ଚିଲିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଉପସ୍ଥିତ ରହି ଚିଲିକା ବ୍ଲକ ଅଧିନସ୍ଥ ୧୭ଟି ପଞ୍ଚାୟତ ଓ ବାଲୁଗାଁ ଏନ୍‌ଏସି ମଧ୍ୟରୁ ଉକ୍ତ ଶିବିରରେ ସମୁଦାୟ ୧୫ ଟି ଅଭିଯୋଗ ବିଚାର ପାଇଁ ପଞ୍ଜିକରଣ କରାଯାଇଥିଲା। ସେଥି ମଧ୍ୟରୁ ୯ଟି ଅଭିଯୋଗ ବ୍ୟକ୍ତିଗତ ହୋଇଥିବା ବେଳେ ୩ ଟି ବିଭିନ୍ନ ଗ୍ରାମର ସାମୂହିକ ଅଭିଯୋଗ ଅନ୍ତର୍ଭୁକ୍ତ। ଉକ୍ତ ଶିବିରରେ ୨ ଟି ଅଭିଯୋଗର ତୁରିତ ଫଇସଲା କରିବା ସହ ଜଣେ ହିତାଧିକାରୀଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଜନ ଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିୟା, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଚିଲିକା ତହସିଲଦା ଓ ବିଡିଓ ପ୍ରମୁଖଙ୍କ ସମେତ ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ପଦସ୍ଥ ଅଧିକାରୀ ଉପସ୍ଥିତ ରହି ସମସ୍ୟାର ସମାଧାନ ଦିଗରେ ଆବଶ୍ୟକୀୟ ସହଯୋଗ ପ୍ରଦାନ କରିଥିଲେ। ବିଭିନ୍ନ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଆଧାରକାର୍ଡ଼, ଖାଉଟିକାର୍ଡ଼ ଓ ଭତ୍ତା ସମ୍ପର୍କିତ ବହୁ ଅଭିଯୋଗ ମାନ ଆସିଥିବା ଜଣାଯାଇଛି।




# ଶ୍ରୀଜଗନ୍ନାଥ ହିଁ ସର୍ବଧର୍ମ ସମନ୍ୱୟର ଦେବତା

ନିରାକାରପୁର, ୨୩ା୧(ସମିସ)




## 'ନୂଆ - ଓ' ଆଲୋଚନାଚକ୍ରରେ ଶ୍ରୀଜଗନ୍ନାଥ ସଂସ୍କୃତି

ସବୁ ଧର୍ମ, ମତବାଦ ଓ ଦର୍ଶନରେ ଶ୍ରୀଜଗନ୍ନାଥଙ୍କ ଚେତନାର ପ୍ରତିଫଳନ ରହିଛି। ସମସ୍ତ ଧର୍ମର ସାରାଂଶକୁ ଅଙ୍ଗୀକାର କରି ମହାପ୍ରଭୁ ସମନ୍ୱୟର ଦେବତା ଭାବେ ଅଭିହିତ ହୋଇଆସିଛନ୍ତି ବୋଲି ବିଶିଷ୍ଟ ଆଲୋଚକ ମତପୋଷଣ କରିଛନ୍ତି। କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ 'ନୂଆ- ଓ ' କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଆ ସାହିତ୍ୟ ପଠନ କ୍ଲବ ଆୟୋଜିତ 'ଶ୍ରୀ ଜଗନ୍ନାଥ ସଂସ୍କୃତି ' ଶୀର୍ଷକ ଆଲୋଚନା ଚକ୍ରରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଶରତ ଚନ୍ଦ୍ର ରଥ, କଥାକାର ମନୋଜ କୁମାର ଜେନା, ଓ ଗବେଷକ ଡା. ଆଶୁତୋଷ ପ୍ରସାଦ ମିଶ୍ର ଜଗନ୍ନାଥ ସଂସ୍କୃତିର ମହାନତା ଓ ବ୍ୟାପକତାକୁ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷା ବ୍ରତତୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିଚାଳନା ସମିତି ସଭାପତି ଡ. ସଞ୍ଜୟ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଅଧ୍ୟାପକ ପୁଣ୍ୟଦର୍ଶନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ସସ୍ମିତା ରାଉତରାୟ ଧନ୍ୟବାଦ ପ୍ରଦାନ କରିଥିଲେ। ଡ. ଜୟନ୍ତ ବାନାର୍ଜୀ, ଡ. ପ୍ରଭାତ କୁମାର ଦାଶ, ଅଧ୍ୟାପକ ଚନ୍ଦନ କୁମାର ମିଶ୍ର, ଅଧ୍ୟାପକ ସୌରଭ ମହାପାତ୍ର, ଅଧ୍ୟାପକ ଭାସ୍କର ଦାସ, ଡ. ଦମୟନ୍ତୀ ବେହେରା, ପ୍ରଭାକର ସେଠୀ ଓ ମାଧବ ମାଝୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୁହୁଡ଼ି ପ୍ରିମିୟର ଲିଗ୍

# ଫାଇନାଲରେ ମହାବୀର ଥଣ୍ଡରସ୍ ଓ ରିଷି ୱାରିୟରସ୍

**କୁହୁଡ଼ି, ୨୩ା୧(ସମିସ):** ମା'ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଚତୁର୍ଥ କୁହୁଡି ପ୍ରିମିୟର ଲିଗ୍ ସେମିଫାଇନାଲ ମ୍ୟାଚ୍ ଖୁସି ସୁପର କିଙ୍ଗସ୍ ଓ ରିଷି ୱାରିୟରସ୍ ମଧ୍ୟରେ ଖେଳାଯାଇଥିଲା। ପ୍ରଥମ ବ୍ୟାଟିଂ କରି ରିଷି ୱାରିୟରସ୍ ୧୦୦ ରନ୍ କରିଥିବା ବେଳେ ଖୁସି ସୁପର କିଙ୍ଗସ୍ ୯ ୬ଅଲ୍ ଆଉଟ୍ ହୋଇଯାଇଥିଲା। ରିଷି ୱାରିୟରସ୍ ୪ରନ୍ ରେ ଜିତି ଫାଇନାଲକୁ ଉନ୍ନୀତ ହୋଇଛି। ଲିଗ୍ ର ଫାଇନାଲ ଦିବସ ୨୫ତାରିଖରେ ମହାବୀର ଥଣ୍ଡର ସହିତ ରିଷି ୱାରିୟରସ୍ ମଧ୍ୟରେ ଖେଳାଯିବ। ଖେଳକୁ ପରିଚାଳନା କରିଥିଲେ ଦେବାଶିଷ ନାୟକ ଓ ସିଲୁ ଦାସ। ସମାଜସେବୀ ବିଷ୍ଣୁ ପ୍ରସାଦ ଶ୍ରୀଚନ୍ଦନ, ସୁଟୁ ବଳବନ୍ତରାୟ ଓ କେପିଏଲ୍ ସଭାପତି ଜୟଦେବ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

